CMYK

# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୯ ◆ ସଂଖ୍ୟା- ୧୯ ◆ ଭୁବନେଶ୍ୱର ◆ ସୋମବାର ◆ ଡିସେମ୍ବର ୨୯, ୨୦୨୫ରୁ ଜାନୁୟାରୀ ୦୪, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-19 ◆ Bhubaneswar ◆ Monday ◆ December 29, 2025 to January 04, 2026 ◆ Page-8 ◆ Price Rs.4.00

## ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

### ଛାତ୍ରଛାତ୍ରୀ ହିଁ ଦେଶକୁ ଆତ୍ମନିର୍ଭର କରିବେ

ଭୁବନେଶ୍ୱର,(ଜା.ପ୍ର): ଛାତ୍ରଛାତ୍ରୀ ବୈଜ୍ଞାନିକ ଚିନ୍ତାଧାରା ନେଇ ସବୁ ଜିନିଷର ଅନୁସନ୍ଧାନ କରିବା ଉଚିତ। ବର୍ତ୍ତମାନର ଛାତ୍ରଛାତ୍ରୀ ଆଗାମୀ ଦିନରେ ବଡ଼ ବୈଜ୍ଞାନିକ ହୋଇ ନୂଆ ନୂଆ ଟେକ୍ନୋଲୋଜିର ଉଦ୍‌ଭାବନ କରିବା ସହିତ ଦେଶକୁ ଆତ୍ମନିର୍ଭର ହେବାରେ ନିଜର ଯୋଗଦାନ ରଖିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶନିବାର କେନ୍ଦୁଝରରେ ୫୨ତମ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଭାବେ ଉଦଘାଟନ କରି ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି।



ଏହାଛଡ଼ା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ଗୋଟିଏ ସଭ୍ୟତାର ବିକାଶ ପଛରେ ସବୁଠାରୁ ବଡ଼ ଭୂମିକା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ରହିଛି। କଳା ଓ ସଂସ୍କୃତି ସାମାଜିକ ପରମ୍ପରାରେ ମହକ ସୃଷ୍ଟି କରିଥାଏ। କିନ୍ତୁ, ସାମାଜିକ ଓ ଆର୍ଥିକ ବିକାଶ ପାଇଁ ମୂଳଭିତ୍ତି ହେଉଛି ବିଜ୍ଞାନ। କେଉଁ ପ୍ରାଚୀନ କାଳରୁ ଆମ ଦେଶର ଋଷି, ମୁନୀ ଓ ପଣ୍ଡିତମାନେ ବିଭିନ୍ନ ବୈଜ୍ଞାନିକ ସୂତ୍ରକୁ ସୃଷ୍ଟି କରିଥିଲେ। ଆମର ଚତୁର୍ବେଦର ଅନେକ ଅଂଶରେ ସମ୍ପୂର୍ଣ୍ଣ ବୈଜ୍ଞାନିକ ଚିନ୍ତାଧାରା ପ୍ରତିଫଳିତ ହୋଇଛି। ଆଚାର୍ଯ୍ୟ କଣାଦ ବୈଶେଷିକ ସୂତ୍ରରେ ଅଣୁ ଓ ପରମାଣୁ ସମ୍ପର୍କରେ ବର୍ଣ୍ଣନା ରହିଛି। ଆମ ଓଡିଶାର ମହାନ୍ ଜ୍ୟୋତିର୍ବିଦ୍ ପଠାଣି ସାମନ୍ତ ମାତ୍ର ଦୁଇ ଖଣ୍ଡ ବାଉଁଶ ନଳୀରୁ ପୃଥିବୀରୁ ଚନ୍ଦ୍ର ପର୍ଯ୍ୟନ୍ତ ଦୂରତାକୁ ସଠିକ୍ ମାପି ପାରିଥିଲେ ବୋଲି ସେ କହିଥିଲେ।

ସେ କହିଥିଲେ, ବର୍ତ୍ତମାନ ଓଡ଼ିଶାରେ ଆମ ସରକାର ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁ କରାଯାଇଛି। ଏଥିରେ ବିଶେଷକରି ସ୍କୁଲ ଶିକ୍ଷାରେ ବ୍ୟାପକ ପରିବର୍ତ୍ତନ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଆମର ଲକ୍ଷ୍ୟ ହେଉଛି ଗୁଣାତ୍ମକ ଶିକ୍ଷା। ସେଥିପାଇଁ ପ୍ରାଥମିକ ସ୍ତରରେ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଗଠନ କରାଯିବ। ପ୍ରଥମ ପର୍ଯ୍ୟାୟରେ ୧୨ ହଜାର କୋଟି ଟଙ୍କାରେ ୨୨ ଶହ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯିବ। ପ୍ରାଥମିକ ସ୍ତରରେ ଭଲ ଶିକ୍ଷାପାଇଲେ ହାଇସ୍କୁଲ୍ ଓ କଲେଜ୍ ସ୍ତରରେ ମଧ୍ୟ ତୁମର ପ୍ରତିଭାର ବିକାଶ ଘଟିବ। ଆଗାମୀ ଦିନରେ ବିଦ୍ୟାଳୟ ଓ ଉଚ୍ଚ ଶିକ୍ଷା ଅନୁଷ୍ଠାନ ଗୁଡିକରେ ଆହୁରି ଅନେକ ପରିବର୍ତ୍ତନ କରାଯିବ। ମୌଳିକ ଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଓ ଦକ୍ଷତା ଉପରେ ବ୍ୟାପକ ଗୁରୁତ୍ୱ ଦେବା ଆରମ୍ଭ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ, ବିଧାୟକ ଡାକ୍ତର ଫକୀର ମୋହନ ନାୟକ, ବିଧାୟକ ଅଖିଳ ଚନ୍ଦ୍ର ନାୟକ, କେନ୍ଦୁଝରଗଡ ପୌର ପରିଷଦର ଅଧ୍ୟକ୍ଷ ନିକୁ ସାହୁ, ଜିଲ୍ଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ଚେନାବ ଉପରେ ଦ୍ୱିତୀୟ ପର୍ଯ୍ୟାୟ ଜଳବିଦ୍ୟୁତ୍ ପ୍ରକଳ୍ପ

ନୂଆଦିଲ୍ଲୀ,ଶ୍ରୀନଗର,(ସ୍ୱ.ପ୍ର): ଜମ୍ମୁ କାଶ୍ମୀର ପ୍ରାନ୍ତରେ ବିଦ୍ୟୁତ୍ ଉତ୍ପାଦନ ତଥା ଯୋଗାଣକୁ ପ୍ରାଥମିକତା ଦେବା ଭିତ୍ତିରେ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ରିପୋର୍ଟ ଅନୁସାରେ କେନ୍ଦ୍ର ସରକାରଙ୍କ କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ୩,୨୭୭.୪୫ କୋଟି ଟଙ୍କା ବ୍ୟୟବରାଦିତ ଜମ୍ମୁ-କାଶ୍ମୀରର କିସ୍ତୱାଡ଼ ଜିଲ୍ଲାରେ ପ୍ରବାହିତ ଚେନାବ ନଦୀ ଉପରେ ଏକ ନୂତନ ୨୬୦ ମେଗାୱାଟ୍ କ୍ଷମତା ସମ୍ପନ୍ନ ଦୁଲହସ୍ତି ଜଳବିଦ୍ୟୁତ୍ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟକୁ ଅନୁମୋଦନ କରିଛି। ଭାରତର ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଗଠିତ ଏକ କମିଟି ପକ୍ଷରୁ ଏନେଇ ପ୍ରସ୍ତାବ ଦିଆଯାଇଥିଲା ଯାହା ଉପରେ ବ୍ୟାପକ ବିଚାର ବିମର୍ଶ କରିବା ପୂର୍ବକ ପରିବେଶଗତ ମୂଲ୍ୟାଙ୍କନ କମିଟି (ଇଏସି) ନିଜ ୪୫ତମ ବୈଠକରେ ଏହି ପ୍ରକଳ୍ପକୁ ମଞ୍ଜୁରି ଦେଇଛି। ଏହି ପ୍ରକଳ୍ପକୁ ଦୁଲହସ୍ତି ପର୍ଯ୍ୟାୟ-୨ ଭାବେ ନାମିତ କରାଯାଇଛି। ସେହିପରି ଏହି ପ୍ରକଳ୍ପର ମୋଟ ମୂଲ୍ୟ ୩,୨୭୭.୪୫ କୋଟି ହେବ ବୋଲି ଆକଳନ କରାଯାଇଛି।

ଏହି ନୂତନ ପ୍ଲାଣ୍ଟଟି ୩୯୦ ମେଗାୱାଟ୍ ଦୁଲହସ୍ତି ଷ୍ଟେଜ୍-୧ ପ୍ରକଳ୍ପର ଏକ ବିସ୍ତାରିତ ପ୍ରକଳ୍ପ ଭାବରେ ନିର୍ମାଣ କରାଯିବ, ଯାହା ୨୦୦୭ରୁ କାର୍ଯ୍ୟକ୍ଷମ ଏବଂ ଏନ୍‌ଏଚ୍‌ପିସି ଲିମିଟେଡ୍ ଦ୍ୱାରା ପରିଚାଳିତ। ନୂତନ ପ୍ରକଳ୍ପ ପାଇଁ ପାଣି ଷ୍ଟେଜ୍-୧ ପାୱାର ଷ୍ଟେସନରୁ ୩.୬ କିଲୋମିଟର ଲମ୍ବା ସୁଡ଼ଙ୍ଗ ମାଧ୍ୟମରେ ନିଆଯିବ, ଯାହା ଷ୍ଟେଜ୍-୨ ପାଇଁ ଏକ ନୂତନ ନିର୍ମିତ ଘୋଡା ନାଳ ଆକୃତିର ୱାଟର ଷ୍ଟୋରେଜ୍‌କୁ ପାଣି ପ୍ରବାହ ମଧ୍ୟ ସମ୍ଭବ ହୋଇପାରିବ। ତେବେ ଏହି ପ୍ରକଳ୍ପରେ ୧୩୦ ମେଗାୱାଟ୍‌ର ଦୁଇଟି ୟୁନିଟ୍ ସହିତ ଏକ ଭୂଗର୍ଭ ପାୱାରହାଉସ୍ ଅନ୍ତର୍ଭୁକ୍ତ ହେବ, ଯେଉଁଥିରେ ଏକ ସର୍ଜ ଶାଫ୍ଟ ଏବଂ ପ୍ରେସର ଶାଫ୍ଟ ଅନ୍ତର୍ଭୁକ୍ତ ହେବ। ପ୍ରକଳ୍ପ ସମାପ୍ତ ହେବା ପରେ, ଏହା ଜାତୀୟ ଗ୍ରୀଡ୍‌ରେ ୨୬୦ ମେଗାୱାଟ ସ୍ୱଚ୍ଛ ବିଦ୍ୟୁତ ସଂଯୋଗ କରିବାରେ ସକ୍ଷମ ହେବ। ଅନ୍ୟପକ୍ଷେ ପ୍ରକଳ୍ପ ପାଇଁ ପ୍ରାୟ ୬୦.୩ ହେକ୍ଟର ଜମି ଆବଶ୍ୟକ ହେବ ବୋଲି ପୂର୍ବାନୁମାନ କରାଯାଉଛି। ଏଥିପାଇଁ କିସ୍ତୱାଡ ଜିଲ୍ଲାର ଦୁଇଟି ଗ୍ରାମ, ବେଞ୍ଜୱାର ଏବଂ ପାଲମାରରୁ ୮.୨୭ ହେକ୍ଟର ବ୍ୟକ୍ତିଗତ ଜମି ଅଧିଗ୍ରହଣ କରାଯିବ। ଜମ୍ମୁ-କାଶ୍ମୀର ପ୍ରାନ୍ତରେ ଭାରତର ଜଳବିଦ୍ୟୁତ୍ କ୍ଷମତାକୁ ସୁଦୃଢ଼ କରିବା ଏବଂ ଚେନାବ ଅବବାହିକାରୁ ଜଳସମ୍ପଦର ଉତ୍ତମ ବ୍ୟବହାର କରିବା ଦିଗରେ ଏହି ମଞ୍ଜୁରୀକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ଦେଖାଯାଉଛି। ଅଧିକାରୀମାନେ କହିଛନ୍ତି ଯେ ଏହି ପ୍ରକଳ୍ପକୁ ୧୯୬୦ର ସିନ୍ଧୁ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି) ଅନୁଯାୟୀ ଡିଜାଇନ୍ କରାଯାଇଛି।

### ଶ୍ରୀମନ୍ଦିର ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟି ବୈଠକ

## ୩ ପର୍ଯ୍ୟାୟରେ ହେବ ଗଣତି ମଣତି

ଭୁବନେଶ୍ୱର,(ଜା.ପ୍ର): ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତିମଣତି ୩ଟି ପର୍ଯ୍ୟାୟରେ ହେବ। ପ୍ରଥମେ ଚଳନ୍ତି ଭଣ୍ଡାରର ଗଣତିମଣତି କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ବାହାର ଓ ଶେଷ ପର୍ଯ୍ୟାୟରେ ଭିତର ରତ୍ନଭଣ୍ଡାରର ଗଣତିମଣତି କରାଯିବ। ତେବେ ରାଜ୍ୟ ସରକାରଙ୍କ ଦ୍ୱାରା ଏସଓପି ଅନୁମୋଦନ ପରେ ଗଣତିମଣତି କରାଯିବ। ଭିତର ରତ୍ନଭଣ୍ଡାର ଗଣତିମଣତି ସମୟରେ ପରିଚାଳନା କମିଟିର ସେବକ ପ୍ରତିନିଧି ରହିବେ। ଆରବିଆଇର ଜଣେ ପ୍ରତିନିଧି ରହିବେ। ଜଣେ ବଣିଆ ସେବକ ରହିବେ। ୧୯୭୮ ମସିହା ଗଣତିମଣତି ତାଲିକା ରିପୋର୍ଟ ସହ ମେଳକ କରାଯିବ। ଭିତର ରତ୍ନଭଣ୍ଡାରର ଗଣତିମଣତି ଶେଷ ପରେ ଚାବି ଜିଲ୍ଲା ଟ୍ରେଜେରୀରେ ରଖାଯିବ। ସମସ୍ତ ଗଣତିମଣତି ପ୍ରକ୍ରିୟାର ଭିଡିଓଗ୍ରାଫି କରାଯିବ। ଗଣତିମଣତି ସମୟରେ ଅଧିକୃତ ବ୍ୟକ୍ତିମାନଙ୍କୁ କଡ଼ାକଡ଼ି ଯାଞ୍ଚ କରାଯିବ। ଶନିବାର ଅନୁଷ୍ଠିତ ଶ୍ରୀମନ୍ଦିର ରତ୍ନଭଣ୍ଡାର ସମ୍ପର୍କିତ ଉଚ୍ଚସ୍ତରୀୟ କମିଟି ବୈଠକ ଶେଷ ହେବା ପରେ ଏହି ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ।

୨୦୨୬ ବର୍ଷ ରଥଯାତ୍ରା ଯଥେଷ୍ଟ ପୂର୍ବରୁ ହୋଇପାରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି ମଣତି। ଉଚ୍ଚସ୍ତରୀୟ ବୈଠକରେ ଚିଠା ପ୍ରସ୍ତାବ ଆଗତ ହୋଇଛି। ଖୁବ୍‌ଶୀଘ୍ର ପରିଚାଳନା କମିଟି ବୈଠକରେ ଚିଠା ପ୍ରସ୍ତାବ ସମ୍ପର୍କରେ ଆଲୋଚନା ହୋଇ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ। ଗଣତି ମଣତି ସମୟରେ ମହାପ୍ରଭୁଙ୍କ ନୀତି କାନ୍ତି ପ୍ରଭାବିତ ହେବ ନାହିଁ। ବାହାର କାଠରୁ ଭକ୍ତ ଦର୍ଶନ କରିବେ। ଏନେଇ ୧୧ ପୃଷ୍ଠାର ମାର୍ଗ ଦର୍ଶିକା ପ୍ରସ୍ତୁତ ହୋଇଛି। ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଥିବା ସୁବର୍ଣ୍ଣ ଅଳଙ୍କାରର କରାଯିବ ମେଳକ ଓ ତା ସହ ଗଣତମଣତି। ଏନେଇ ଆଜି ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ବୈଠକରେ ମାର୍ଗଦର୍ଶିକା ବା ଏସଓପି ପ୍ରସ୍ତୁତ ହୋଇଛି। ବିଧି ସବ କମିଟିରେ ରତ୍ନଭଣ୍ଡାର ଗଣତି ମଣତି ପାଇଁ ଚିଠା ପ୍ରସ୍ତାବ କରିଥିଲେ। ସେହି ଚିଠା ପ୍ରସ୍ତାବ ଉପରେ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା ହୋଇ ଏସଓପି ପ୍ରସ୍ତୁତ ହୋଇଛି। ଏହା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଆଲୋଚନା ହୋଇ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢ଼ୀ ସୂଚନା ଦେଇଥିଲେ। ତେବେ ଗଣତିମଣତି ସମୟରେ ଆରବିଆଇ ଅଧିକାରୀ,ଏସବିଆଇ ଅଧିକୃତ ବଣିଆ ବା ସ୍ୱର୍ଣ୍ଣକାର ରହିବେ। ତେବେ ଆଜିର ଏସଓପି ପରିଚାଳନା କମିଟିରେ ଆଲୋଚନା ହୋଇ ସରକାରଙ୍କ ପାଖକୁ ପଠାଯିବ। ସରକାରଙ୍କ ଅନୁମତି ପାଇବା ପରେ ପ୍ରକ୍ରିୟା ଆରମ୍ଭ ହେବ। କିନ୍ତୁ ମାର୍ଗଦର୍ଶିକା ଚୂଡ଼ାନ୍ତ ହୋଇନାହିଁ। ଗଣତିମଣତି ଦିନ ସର୍ବସାଧାରଣଙ୍କ ଦର୍ଶନ ହେବ। ବାହାରକାଠରୁ ଦର୍ଶନ ହେବ। ଅଧିକୃତ ସେବକଙ୍କୁ ପରିଚୟପତ୍ର ପ୍ରଦାନ କରାଯିବ। ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ସବୁର ଡିଜିଟାଇଜେସନ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢୀ ପ୍ରକାଶ କରିଛନ୍ତି। ପ୍ରକାଶ ଯେ ୧୪ ଜୁଲାଇ ୨୦୨୪ରେ ରତ୍ନ ଭଣ୍ଡାର ଖୋଲାଯାଇଥିଲା। ପ୍ରାଥମିକ ଭାବେ ପ୍ରଥମେ ବାହାର ରତ୍ନ ଭଣ୍ଡାରର ସମସ୍ତ ଅଳଙ୍କାର ସ୍ଥାନାନ୍ତର କରାଯାଇଥିଲା। ୨୦୨୪ ଅଗଷ୍ଟ ୨୩ ତାରିଖରେ ଆଇରନ ସିନ୍ଦୁକ ସ୍ଥାନାନ୍ତର ହୋଇଥିଲା। ପରେ ସେପ୍ଟେମ୍ବର ୨୪ ତାରିଖରେ ଏଏସ ଆଇ ଅଧିକାରୀ ମାନଙ୍କ ସ୍ୱତନ୍ତ୍ର ଟିମ ଯାଞ୍ଚ କରିଥିଲା। ଏହା ପରେ ରିପୋର୍ଟ ଆଧାରରରେ ମରାମତି କାର୍ଯ୍ୟ ୧୭ ଡିସେମ୍ବରରେ ଆରମ୍ଭ ହୋଇଥିଲା। ଯାହାକି ୨୮ ଏପ୍ରିଲ ୨୦୨୫ ପର୍ଯ୍ୟନ୍ତ ଜାରି ରହିଥିଲା।

## ଅଫ୍‌ଲାଇନ୍‌ରେ ପୈଠ କରିହେବ ଇ-ଚାଲାଣ

ଭୁବନେଶ୍ୱର,(ଜା.ପ୍ର): ଗାଡ଼ି ମାଲିକଙ୍କୁ ଆଶ୍ୱସ୍ତି। ଏଣିକି ଅନଲାଇନ୍ ସହ ଅଫ୍‌ଲାଇନ୍‌ରେ ପୈଠ କରିହେବ ଇ-ଚାଲାଣ। ଜନସାଧାରଣଙ୍କ ସୁବିଧା ପାଇଁ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଏଣିକି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ମୋଟର ଯାନ ନିୟମ ଉଲ୍ଲଙ୍ଘନରେ ଜାରି ହୋଇଥିବା ଇ-ଚାଲାଣ ବାବଦରେ ନଗଦ ଅର୍ଥ ଗ୍ରହଣ କରାଯିବ। ନଗଦ ଅର୍ଥ ଗ୍ରହଣ ପାଇଁ ଆରଟିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଭାବେ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବ। ଇ-ଚାଲାଣ ଅର୍ଥ ପୈଠ ବେଳେ ଓଟିପି ସମସ୍ୟା ନେଇ ଅଭିଯୋଗ କରୁଥିବା ଜନସାଧାରଣଙ୍କ ଦାବି ତଥା ଦୁର୍ବଳ ଇଣ୍ଟରନେଟ୍ ଥିବା ଅଞ୍ଚଳର ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ତେବେ ପୂର୍ବ ଭଳି ଅନଲାଇନରେ ମଧ୍ୟ ଇ-ଚାଲାଣ ପୈଠ କରାଯାଇପାରିବ। ଏନେଇ ପରିବହନ ବିଭାଗ ଆପ୍ଲିକେସନ୍‌ରେ ଇ-ଚାଲାଣ ପୈଠ କରିହେବ। ପ୍ରକାଶ ଯେ ଯେଉଁ ଗାଡ଼ି ଅଧିକ ପ୍ରଦୂଷଣ ସୃଷ୍ଟି କରୁଛନ୍ତି ସେମାନଙ୍କ ଉପରେ କଟକଣା ଲଗାଇବା ଏବଂ ଯେଉଁ ଗାଡ଼ିଗୁଡ଼ିକ ପରିବେଶ ଅନୁକୂଳ ସେମାନେ ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ୍ ହାସଲ କଲେ ଯାଇ ଗାଡ଼ିରେ ତେଲ ପକାଇପାରିବେ ବୋଲି ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଘୋଷଣା କରାଯାଇଛି।

ଜାତୀୟ ଚେତନା
JATIYA CHETANA



# ସାନ୍ତାଳୀ ଭାଷାରେ ସମ୍ବିଧାନ ଉନ୍ମୋଚନ କଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ,(ସ୍ୱ.ପ୍ର): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସାନ୍ତାଳୀ ଭାଷାରେ ଭାରତର ସମ୍ବିଧାନ ଉନ୍ମୋଚନ କରିଛନ୍ତି। ରାଷ୍ଟ୍ରପତି ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଏହାର ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଉଦବୋଧନ ଦେଇ ରାଷ୍ଟ୍ରପତି କହିଛନ୍ତି ଯେ ସମସ୍ତ ସାନ୍ତାଳୀ ଲୋକଙ୍କ ପାଇଁ ଏହା ଏକ ଗର୍ବ ଓ ଆନନ୍ଦର ବିଷୟ ଯେ 'ଅଲ୍ ଚିକି' ଲିପିରେ ଲିଖିତ ଭାରତର ସମ୍ବିଧାନ ଏବେ ସାନ୍ତାଳୀ ଭାଷାରେ ଉପଲବ୍ଧ ହୋଇଛି। ଏହା ସେମାନଙ୍କୁ ନିଜ ଭାଷାରେ ସମ୍ବିଧାନ ପଢ଼ିବା ଏବଂ ବୁଝିବା ପାଇଁ ସକ୍ଷମ କରିବ। ରାଷ୍ଟ୍ରପତି କହିଛନ୍ତି ଯେ ଚଳିତ ବର୍ଷ ଆମେ 'ଅଲ୍ ଚିକି' ଲିପିର ଶତବାର୍ଷିକୀ ପାଳନ କରୁଛୁ। ଏହି ଶତବାର୍ଷିକୀ ବର୍ଷରେ ଭାରତର ସମ୍ବିଧାନକୁ ଅଲ୍ ଚିକି ଲିପିରେ ପ୍ରକାଶ କରିଥିବାରୁ ସେ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରୀ ଏବଂ ତାଙ୍କ ଟିମ୍‌କୁ ପ୍ରଶଂସା କରିଛନ୍ତି।ଏହି ଅବସରରେ ଭାରତର ଉପରାଷ୍ଟ୍ରପତି ସିପି ରାଧାକୃଷ୍ଣନ ଏବଂ କେନ୍ଦ୍ର ଆଇନ ଓ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ପ୍ରମୁଖ ଉପସ୍ଥିତ ଥିଲେ। ସାନ୍ତାଳୀ ଭାଷା, ଯାହା ୨୦୦୩ର ୯୨ତମ ସଂଶୋଧନ ଆଇନ ମାଧ୍ୟମରେ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ଅନ୍ତର୍ଭୁକ୍ତ କରାଯାଇଥିଲା, ତାହା ଭାରତର ଅନ୍ୟତମ ପ୍ରାଚୀନ ଜୀବନ୍ତ ଭାଷା। ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ବିହାରର ବହୁ ସଂଖ୍ୟକ ଆଦିବାସୀ ଜନସଂଖ୍ୟା ଏହି ଭାଷାରେ କଥା ହୁଅନ୍ତି।

## ବାଂଲାଦେଶରେ ହିନ୍ଦୁ ଯୁବକଙ୍କୁ ହତ୍ୟା ଘଟଣା: ଭାରତରେ ଶୁଭିଲା ପ୍ରତିବାଦର ସ୍ୱର

ନୂଆଦିଲ୍ଲୀ, ଢ଼ାକା,(ସ୍ୱ.ପ୍ର): ବାଂଲାଦେଶର ମୈମନସିଂ ପ୍ରାନ୍ତରେ ଈଶ୍ୱର ନିନ୍ଦା ଅଭିଯୋଗରେ ଦୀପୁ ଚନ୍ଦ୍ର ଦାସ ନାମକ ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା କରାଯାଇଥିବା ଏବଂ ସେଠାରେ ଥିବା ହିନ୍ଦୁ ସମ୍ପ୍ରଦାୟର ବ୍ୟକ୍ତିବିଶେଷ ତଥା ହିନ୍ଦୁ ପରିବାରଙ୍କ ଉପରେ ହେଉଥିବା ହିଂସା, ନିର୍ଯାତନା ଆଦି ଘଟଣାକୁ ନେଇ ଭାରତରେ ମଧ୍ୟ ପ୍ରତିବାଦ ଆରମ୍ଭ ହୋଇଯାଇଛି। ଭାରତର ଅନେକ ପ୍ରାନ୍ତରେ ଏବେ ବାଂଲାଦେଶ ବିରୋଧୀ ପ୍ରତିବାଦ ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ଏବଂ ବଜରଙ୍ଗ ଦଳ ସମେତ ଅନେକ ପ୍ରମୁଖ ହିନ୍ଦୁ ଗୋଷ୍ଠୀ, ସଂଗଠନ ମଙ୍ଗଳବାର ଅପରାହ୍ଣରେ ନୂଆଦିଲ୍ଲୀ ସ୍ଥିତ ବାଂଲାଦେଶ ହାଇକମିଶନଙ୍କ କାର୍ଯ୍ୟାଳୟ ବାହାରେ ମଧ୍ୟ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ସୃଷ୍ଟି ହେବା କାରଣରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ଏପରିକି ପ୍ରତିବାଦ ସମୟରେ ବିକ୍ଷୋଭକକାରୀ ବାଂଲାଦେଶ ପତାକା ଓ କୁଶପୁତ୍ତଳିକା ଦାହ କରିଥିଲେ। ପ୍ରତିବାଦ ପୂର୍ବରୁ ଦିଲ୍ଲୀ ପୁଲିସ ବାଂଲାଦେଶ ହାଇକମିଶନ କାର୍ଯ୍ୟାଳୟ ବାହାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଥିଲା। ଏହା ସତ୍ତ୍ୱେ ପରିସ୍ଥିତି ସମ୍ପୂର୍ଣ୍ଣ ଅଣାୟତ୍ତ ହୋଇପଡ଼ିଥିଲା। ତେବେ କୌଣସି ପ୍ରକାର ଅସ୍ୱାଭାବିକ ତଥା ଅପ୍ରୀତିକର ଘଟଣା ଆଶଙ୍କାରେ ବାଂଲାଦେଶ ହାଇକମିଶନ୍‌ଙ୍କ କାର୍ଯ୍ୟାଳୟ ପାଇଁ ଗ୍ରହଣ କରାଯାଇଥିବା ସୁରକ୍ଷା ବ୍ୟବସ୍ଥାରେ ତିନି ସ୍ତରର ବ୍ୟାରିକେଡିଂ, ପୁଲିସ ଏବଂ ଅର୍ଦ୍ଧସାମରିକ ବାହିନୀର ଅଧିକ ବଳ ନିୟୋଜିତ ଅଛନ୍ତି। ନୂଆଦିଲ୍ଲୀରେ ଘଟିଥିବା ଆଜିର ଏପ୍ରକାର ପ୍ରତିବାଦପୂର୍ଣ୍ଣ ଘଟଣାକୁ ନେଇ ବାଂଲାଦେଶ ସରକାର ନିଜ ରାଜଧାନୀ ଢ଼ାକା ସ୍ଥିତ ଭାରତୀୟ ଦୂତାବାସ ଅଧିକାରୀଙ୍କୁ ସମନ୍ ମଧ୍ୟ କରିଥିବା ସୂଚନା ମିଳିଛି। ବାଂଲାଦେଶ ପକ୍ଷରୁ ଭାରତୀୟ ଉଚ୍ଚାୟୁକ୍ତଙ୍କୁ ଡକାଯାଇ ନୂଆଦିଲ୍ଲୀରେ ଥିବା ନିଜ ଦୂତାବାସ କାର୍ଯ୍ୟାଳୟର କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଦର୍ଶାଯାଇଛି। ଅନ୍ୟପକ୍ଷେ ଭାରତ ପକ୍ଷରୁ ମଧ୍ୟ ଆଜି ବାଂଲାଦେଶ ଉଚ୍ଚାୟୁକ୍ତଙ୍କୁ ସମନ୍ କରାଯାଇଛି। ଏହାକୁ ମିଶାଇ ଭାରତ ଗତ ୭୨ ଘଣ୍ଟା ମଧ୍ୟରେ ବାଂଲାଦେଶ ଉଚ୍ଚାୟୁକ୍ତଙ୍କୁ ୨ଥର ସମନ୍ ଜାରି କରିଛି ଏବଂ ପ୍ରତ୍ୟେକ ଥର ଭାରତୀୟ ଦୂତାବାସ କାର୍ଯ୍ୟାଳୟରେ କର୍ତ୍ତବ୍ୟରତ ଅଧିକାରୀ ତଥା କର୍ମଚାରୀଙ୍କ ସୁରକ୍ଷା ପ୍ରସଙ୍ଗ ଉଠାଇଛି। ତେବେ କେବଳ ଦିଲ୍ଲୀ ନୁହେଁ ଦେଶର ଅନ୍ୟ କେତେକ ରାଜ୍ୟ ଯେପରିକି ପଶ୍ଚିମବଙ୍ଗ, ଆସାମ ଏବଂ ଓଡ଼ିଶାରେ ମଧ୍ୟ ଏହି ଘଟଣାକୁ ନେଇ ପ୍ରତିବାଦ ହୋଇଥିବା ସୂଚନା ମିଳିଛି। ପଶ୍ଚିମବଙ୍ଗରେ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଏବଂ କଂଗ୍ରେସ ନେତାମାନେ ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଆକ୍ରମଣ ବିରୋଧରେ କଲକାତାରେ ବାଂଲାଦେଶ ଡେପୁଟି ହାଇକମିଶନଙ୍କ କାର୍ଯ୍ୟାଳୟ ବାହାରେ ପ୍ରତିବାଦ ପ୍ରଦର୍ଶନ କରିଥିଲେ। ଆସାମର ହାଇଲାକଣ୍ଡି ପ୍ରାନ୍ତରେ ମଧ୍ୟ ଅନେକ ହିନ୍ଦୁ ଗୋଷ୍ଠୀ ବାଂଲାଦେଶରେ ଚାଲିଥିବା ଘଟଣାକୁ ତୀବ୍ର ନିନ୍ଦା କରିବା ସହ ପ୍ରତିବାଦ କରିଛନ୍ତି। ଓଡ଼ିଶାରେ ମଧ୍ୟ ଏଭଳି ପ୍ରତିବାଦର ଝଲକ ଦେଖିବାକୁ ମିଳିଛି। ରିପୋର୍ଟ ଅନୁସାରେ ଓଡ଼ିଶାର ଜଗତସିଂପୁର ଏବଂ ଭଦ୍ରକ ଜିଲ୍ଲାରେ ଯଥାକ୍ରମେ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ଏବଂ ସ୍ଥାନୀୟ ସଂଗଠନ ହିନ୍ଦୁ ସମାଜ ପକ୍ଷରୁ ରାଲି ଆୟୋଜନ କରାଯାଇଥିଲା ଏବଂ ବାଂଲାଦେଶରେ ଜଣେ ହିନ୍ଦୁ ଯୁବକଙ୍କୁ ଏପ୍ରକାର ନିର୍ମମ ହତ୍ୟା କରାଯିବା ଘଟଣାକୁ ନିନ୍ଦା କରାଯାଇଥିଲା।

# 'ରାଷ୍ଟ୍ରୀୟ ପ୍ରେରଣା ସ୍ଥଳ'ର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,(ସ୍ୱ.ପ୍ର): ଦେଶବ୍ୟାପୀ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲକ୍ଷ୍ନୌ ସ୍ଥିତ ନବନିର୍ମିତ 'ରାଷ୍ଟ୍ରୀୟ ପ୍ରେରଣା ସ୍ଥଳ'ର ଉଦ୍‌ଘାଟନ କରିଛନ୍ତି। ଏହାକୁ ଦେଶର ଦିବଂଗତ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏବଂ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଏକ ଐତିହାସିକ ଜାତୀୟ ସ୍ମାରକୀ ଭାବେ ବିବେଚନା କରାଯାଉଛି। ଏହି ଅବସରରେ ମୋଦୀ ସମଗ୍ର ଦେଶବାସୀଙ୍କୁ ସମ୍ବୋଧିତ ମଧ୍ୟ କରିଛନ୍ତି। ମୋଦୀ ନିଜ ଭାଷଣରେ କଂଗ୍ରେସର ମାନସିକତା ତଥା ଗାନ୍ଧୀ ପରିବାରର ଉପନିବେଶବାଦୀ ମନୋଭାବ ସମ୍ପର୍କରେ ବିସ୍ତାର ଭାବେ କହିଛନ୍ତି।



ରାଷ୍ଟ୍ରୀୟ ପ୍ରେରଣା ସ୍ଥଳର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୋଦୀ କହିଛନ୍ତି, ପୂର୍ବ କଂଗ୍ରେସ ନେତୃତ୍ୱାଧୀନ ସରକାରଗୁଡ଼ିକ ଅନେକ ଜାତୀୟ ପ୍ରତୀକଙ୍କୁ ଅଣଦେଖା କରି ଗୋଟିଏ ପରିବାର ଚାରିପାଖରେ ମାନ୍ୟତା କେନ୍ଦ୍ରିତ କରିଥିଲେ। କଂଗ୍ରେସ କ୍ଷମତାରେ ଥିବା ସମୟରେ ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିବା ନେତାମାନଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଇନଥିଲା। ପୁସ୍ତକ, ସରକାରୀ ଯୋଜନା, ପ୍ରତିଷ୍ଠାନ, ରାସ୍ତା ଏବଂ ସାର୍ବଜନୀନ ସ୍ଥାନ ପର୍ଯ୍ୟନ୍ତ, ସବୁଠି କେବଳ ଗୋଟିଏ ପରିବାର 'ଗାନ୍ଧୀ ପରିବାର'କୁ ହିଁ କ୍ରେଡିଟ୍ ଦିଆଯିବାକୁ ବ୍ୟବସ୍ଥା କରାଯାଇଥିଲା। ଫଳରେ ଦେଶର ଅନେକ ବରପୁତ୍ର, ସ୍ୱାଧୀନତା ସଂଗ୍ରାମୀ ଆଜି ବି ଲୋକଲୋଚନକୁ ଆସିପାରିନାହାନ୍ତି। ଏତଦ୍‌ବ୍ୟତୀତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଡକ୍ଟର ବି.ଆର. ଆମ୍ବେଦକରଙ୍କୁ କଂଗ୍ରେସ ଉଦ୍ଦେଶ୍ୟମୂଳକ ଭାବେ ଗୌଣ କରିଦେଇଥିବାର ମୋଦୀ ଉଦାହରଣ ମଧ୍ୟ ଦେଇଥିଲେ। ମୋଦୀଙ୍କ କହିବାନୁସାରେ ଦେଶକୁ ସ୍ୱାଧୀନତା ମିଳିବା ଠୁଁ ଆରମ୍ଭ କରି ସବୁକିଛି କେବଳ ଗୋଟିଏ ପରିବାର କରିଥିବା ଦେଖାଇବା ପାଇଁ ପୁରଠୁ ପଲ୍ଲୀ ପର୍ଯ୍ୟନ୍ତ ସବୁକିଛି ଗାନ୍ଧୀ ପରିବାର ନାମରେ ହିଁ କରିଦିଆଯାଇଥିଲା। କିନ୍ତୁ ବିଜେପି ସରକାରକୁ ଆସିବା ପରେ ଦେଶର ଏହି ବରପୁତ୍ରଙ୍କୁ ସମ୍ମାନିତ କରିବା ସହ ଏମାନଙ୍କ ମହାନ୍ ତ୍ୟାଗ, ବଳିଦାନ ସମ୍ପର୍କରେ ଆଗାମୀ ପିଢ଼ି ପର୍ଯ୍ୟନ୍ତ ପହଞ୍ଚାଇବାକୁ ଉଦ୍ୟମ ଜାରି ରଖିଛି ଏବଂ ଆଗକୁ ମଧ୍ୟ ଏହା ଜାରି ରହିବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଦିଲ୍ଲୀସ୍ଥିତ ସଦୈବ ଅଟଳ ସ୍ମାରକ ମଧ୍ୟ ପରିଦର୍ଶନ କରିଥିଲେ, ଯେଉଁଠାରେ ସେ ଦିବଂଗତ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଏବଂ ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କ ସମେତ ଅନେକ ରାଜନୈତିକ ନେତା ବାଜପେୟୀଙ୍କ ଜନ୍ମବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମୋଦୀ ନିଜ ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଦେଶପ୍ରତି ଅଟଳ ବିହାରୀ ବାଜପେୟୀଙ୍କ ଅବଦାନକୁ ସ୍ମରଣ କରି ଏକ ଭିଡିଓ ଶେୟାର କରିଥିଲେ। ସେ ବାଜପେୟୀଙ୍କ ବ୍ୟକ୍ତିତ୍ୱ, ଆଚରଣ, ଚିନ୍ତାଧାରା ଏବଂ ଅଟଳ ସଂକଳ୍ପକୁ ରାଜନୀତିର ଅନୁକରଣୀୟ ମାନଦଣ୍ଡ ଭାବରେ ବର୍ଣ୍ଣନା କରିଥିଲେ। ବାଜପେୟୀ ସର୍ବଦା ଜାତୀୟ ସ୍ୱାର୍ଥକୁ ସବୁକିଛି ଉପରେ ଗୁରୁତ୍ୱ ଦେଇଥିଲେ ବୋଲି ମୋଦୀ କହିଛନ୍ତି।

# ଇସ୍ରୋର ନୂଆ କୀର୍ତ୍ତିମାନ୍: ବ୍ଲୁ-ବାର୍ଡ ବ୍ଲକ୍-୨ର ସଫଳ ଉତ୍କ୍ଷେପଣ

ଶ୍ରୀହରିକୋଟା: ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ନିଜ ସଫଳତାର ଇତିହାସରେ ଆଉ ଏକ ନୂଆ ଫର୍ଦ୍ଦ ଯୋଡିଛି। ରିପୋର୍ଟ ଅନୁସାରେ ଇସ୍ରୋ ପ୍ରୋଜେକ୍ଟ ବ୍ଲୁ-ବାର୍ଡ ବ୍ଲକ୍-୨ ସାଟେଲାଇଟ୍'କୁ ସଫଳତାର ସହ ଶେଷ କରିଛି। ଇସ୍ରୋ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ ବୁଧବାର ସକାଳ ୮:୫୪ ମିନିଟ୍ ସମୟରେ ଏହାର ସବୁଠାରୁ ଶକ୍ତିଶାଳୀ ରକେଟ୍ ଲଞ୍ଚ୍ ଯାନ (ବାହୁବଳୀ) ମାର୍କ-୩ (ଏଲ୍‌ଭିଏମ୍ ୩-ଏମ୍ ୬) ବ୍ୟବହାର ପୂର୍ବକ ଆମେରିକୀୟ କମ୍ପାନୀ ଏଏସ୍‌ଟି ସ୍ପେସମୋବାଇଲର ପରବର୍ତ୍ତୀ ପିଢ଼ିର ଯୋଗାଯୋଗ ଉପଗ୍ରହ 'ବ୍ଲୁବାର୍ଡ ବ୍ଲକ୍-୨'କୁ ସଫଳତା ପୂର୍ବକ ଉତକ୍ଷେପଣ କରିଛି। ତେବେ ଉତ୍କ୍ଷେପଣର ମାତ୍ର ଦେଢ ଘଣ୍ଟା ମଧ୍ୟରେ ଏହା ସଫଳ ଭାବେ କକ୍ଷପଥରେ ପ୍ରବେଶ କରିବା ଏବଂ ଧାର୍ଯ୍ୟ ପୃଥିବୀର ନିମ୍ନ କକ୍ଷପଥରେ ଅବସ୍ଥାନ କରିଛି।



ଏସମ୍ପର୍କରେ ପ୍ରତିକ୍ରିୟା ଦେଇ ଇସ୍ରୋ ଅଧ୍ୟକ୍ଷ ଭି ନାରାୟଣନ୍ କହିଛନ୍ତି ଯେ, ଏହି କୃତିମ ଉପଗ୍ରହର ସ୍ଥାପନ ଫଳରେ ମୋବାଇଲ୍ ଯୋଗାଯୋଗ କ୍ଷେତ୍ରରେ ନୂଆ ମାଇଲଖୁଣ୍ଟ ସ୍ଥାପନ ହେବ। ମୋବାଇଲ୍ ନେଟୱାର୍କ ପାଇଁ ଆଉ ଟାୱାରର ଆବଶ୍ୟକତା ରହିବନି। ଶ୍ରୀ ନାରାୟଣନ୍‌ଙ୍କ କହିବାନୁସାରେ ଏହା ଭାରତ ମାଟିରୁ ଉଠାଯାଇଥିବା ସବୁଠାରୁ ଭାରୀ ଉପଗ୍ରହ, ଯାହାର ଓଜନ ୬୧୦୦ କିଲୋଗ୍ରାମ୍ ରହିଛି। ପ୍ରଥମ ଥର ପାଇଁ, ଭାରତ ଏଭଳି ଏକ ଭାରୀ, ଉଚ୍ଚ-ଶକ୍ତି ବିଶିଷ୍ଟ ଇଲେକ୍ଟ୍ରୋମେକାନିକାଲ୍ ଆକ୍ଟୁଏଟରକୁ ବିକଶିତ କରିଛି। ଅନ୍ୟପକ୍ଷେ ଏହା ଇସ୍ରୋର ଏକ ବ୍ୟବସାୟିକ ଚୁକ୍ତି ଭିତ୍ତିକ ମିଶନ୍ ହୋଇଥିଲେ ମଧ୍ୟ ଏହି ମିଶନ କେବଳ ଏକ ପ୍ରଯୁକ୍ତିବିଦ୍ୟା ସଫଳତା ନୁହେଁ ବରଂ ଭାରତକୁ ମହାକାଶ କ୍ଷେତ୍ରରେ ଏକ ବିଶ୍ୱସ୍ତ ବିଶ୍ୱ ନେତା ଭାବରେ ମଧ୍ୟ ପ୍ରତିଷ୍ଠା କରିଥିବା ମତପ୍ରକାଶ ପାଇଛି। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ଉତ୍କ୍ଷେପଣ କେନ୍ଦ୍ରରୁ ଧାର୍ଯ୍ୟ ସମୟରେ ରକେଟ୍ ଲଞ୍ଚ୍ ଯାନ ମାର୍କ-୩ (ଏଲ୍‌ଭିଏମ୍ ୩-ଏମ୍ ୬) ଏହି ବ୍ଲୁ-ବାର୍ଡ ବ୍ଲକ୍-୨ ସାଟେଲାଇଟ୍‌କୁ ଧରି ଅନ୍ତରୀକ୍ଷ ଅଭିମୁଖେ ଉଡାଣ ଭରିଥିଲା ଏବଂ ଧାର୍ଯ୍ୟ ସମୟରେ ନିର୍ଦ୍ଧାରିତ କକ୍ଷପଥରେ ପ୍ରବେଶ କରିଥିଲା। ବ୍ଲୁବାର୍ଡ ବ୍ଲକ୍-୨ ସାଟେଲାଇଟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ଏହା ମୋବାଇଲ ଟାୱାର କିମ୍ବା ଅତିରିକ୍ତ ଆଣ୍ଟେନାର ଆବଶ୍ୟକତା ବିନା ସ୍ମାର୍ଟଫୋନକୁ ସିଧାସଳଖ ୪ଜି ଏବଂ ୫ଜି ନେଟୱାର୍କ ପ୍ରଦାନ କରିବ। ଏହି ପ୍ରଯୁକ୍ତିବିଦ୍ୟା ହିମାଳୟ, ମରୁଭୂମି, ସମୁଦ୍ର ଏବଂ ବିମାନ ଭଳି ସ୍ଥାନରେ ମଧ୍ୟ ନିରବଚ୍ଛିନ୍ନ ସଂଯୋଗ ପ୍ରଦାନ କରିବାରେ ସକ୍ଷମ ହେବ। ଏତଦ୍‌ବ୍ୟତୀତ ବନ୍ୟା, ଭୂମିକମ୍ପ କିମ୍ବା ଝଡ଼ ଭଳି ବିପର୍ଯ୍ୟୟରେ, ଯେତେବେଳେ ଗ୍ରାଉଣ୍ଡ ନେଟୱାର୍କ ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଯାଏ, ଏହି ଉପଗ୍ରହ ଯୋଗାଯୋଗକୁ ଜୀବନ୍ତ ରଖିବ। ଏହି ନେଟୱାର୍କ ଜରୁରୀକାଳୀନ ପରିସ୍ଥିତିରେ ଜୀବନରେଖା ପ୍ରମାଣିତ ହେବ ବୋଲି କୁହାଯାଉଛି।

ଜାତୀୟ ଚେତନା
JATIYA CHETANA



### ପୂଜ୍ୟ ଅଟଳ ଶତାବ୍ଦୀର ଶତକଳ କବିତା ପାଠୋତ୍ସବ

# ଅଟଳଜୀଙ୍କ ଅମ୍ଳାନ ବ୍ୟକ୍ତିତ୍ୱ ଆମ ସମସ୍ତଙ୍କ ପାଇଁ ଆଦର୍ଶ: ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ



ଭୁବନେଶ୍ୱର,(ଜା.ପ୍ର): ବିଶିଷ୍ଟ ରାଷ୍ଟ୍ରନୀତିଜ୍ଞ ତଥା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହ ଓ ସୁଶାସନ ଦିବସ ଅବସରରେ ଆଜି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରାଜ୍ୟ ସ୍ତରୀୟ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଭୁବନେଶ୍ୱର ସ୍ଥିତ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିବା ଏହି ରାଜ୍ୟ ସ୍ତରୀୟ କବିତା କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ୧୦୦ରୁ ଉର୍ଦ୍ଧ୍ୱ କବି ଅଂଶଗ୍ରହଣ କରି ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ। 'ପୂଜ୍ୟ ଅଟଳ ଶତାବ୍ଦୀର ଶତକଳ' ଶୀର୍ଷକରେ ଏହି ରାଜ୍ୟ ସ୍ତରୀୟ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଟଳ ବିହାରୀ ବାଜପେୟୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିସହ ଅଟଳଜୀଙ୍କ ଅମର ଓ ଅମ୍ଳାନ କୀର୍ତ୍ତିକୁ ସ୍ମରଣ କରିଥିଲେ। ନିଜର ଅଭିଭାଷଣରେ ସେ କହିଥିଲେ ଯେ, 'ଅଟଳ ବିହାରୀ ବାଜପେୟୀ ହେଉଛନ୍ତି ତ୍ୟାଗ, ତିତିକ୍ଷା ଓ ବଳିଦାନର ମୂର୍ତ୍ତିମନ୍ତ ପ୍ରତୀକ। ତାଙ୍କ ସାରସ୍ୱତ ଚେତନା ଆମ ସମସ୍ତଙ୍କୁ ଆହ୍ଲାଦିତ କରେ। ସେହି ଅଜୟ, ଅଟଳ ଓ ଅମ୍ଳାନ ବ୍ୟକ୍ତିତ୍ୱଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଉପଲକ୍ଷେ ଆଜି ଓଡ଼ିଶାର ଶତାଧିକ କବି ଏକତ୍ରିତ ହୋଇ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ଅଟଳଜୀଙ୍କ ଭାବନା, ଚେତନା, ଶବ୍ଦ ସଂରଚନା ଓ ସାହିତ୍ୟ ସର୍ଜନାରେ ଦର୍ଶନ ତତ୍ତ୍ୱ ଦେଖିବାକୁ ମିଳେ। ତାଙ୍କର ପ୍ରତ୍ୟେକ ସାରସ୍ୱତ କୃତିରେ ଉଭୟ ବିନମ୍ରତା ଓ ନିର୍ଭୀକତାର ଭାବନା ପ୍ରସ୍ଫୁଟିତ ହୋଇଥାଏ। ଅଟଳଜୀଙ୍କ ଅମର ବ୍ୟକ୍ତିତ୍ୱ ଆମ ସମସ୍ତଙ୍କ ପାଇଁ ଆଦର୍ଶ। ଅଟଳଜୀଙ୍କ ଆଦର୍ଶରେ ଆଜିର ଯୁବପିଢ଼ି ଅନୁପ୍ରାଣିତ ହୋଇ ଏକ ସଶକ୍ତ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ଦେବେ ବୋଲି ମୁଁ ଆଶା କରୁଛି।' କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା କବିମାନେ ଅଟଳଜୀଙ୍କୁ ସ୍ମରଣ କରି ନିଜର ଶବ୍ଦ ଅର୍ଘ୍ୟ ଅର୍ପଣ କରିଥିଲେ। ସମସ୍ତ କବିମାନଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଉପଢୌକନ, ମାନପତ୍ର ଓ ଅଟଳଜୀଙ୍କ ସ୍ମୃତି ସ୍ମାରକୀ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ ସାହିତ୍ୟିକ ତଥା ପ୍ରାବନ୍ଧିକ ହରପ୍ରସାଦ ଦାସ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ଼ା. ବିଜୟ କେତନ ଉପାଧ୍ୟାୟ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା ପ୍ରମୁଖ ଆଜିର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଫେବୃଆରୀରୁ ଗାଡ଼ିରେ ଲାଗିବ 'ଗ୍ରୀନ୍ ଷ୍ଟିକର୍'

ଭୁବନେଶ୍ୱର,(ଜା.ପ୍ର): ଫେବୃଆରୀ ମାସରୁ ଗାଡ଼ିରେ ଲାଗିବ ଗ୍ରୀନ୍ ଷ୍ଟିକର। ପ୍ରଦୂଷଣ ସାର୍ଟିଫିକେଟ୍ ଥିଲେ ଗାଡ଼ିରେ ଲାଗିବ ସବୁଜ ଷ୍ଟିକର। ଏହି ଷ୍ଟିକର ଦେଖିଲେ ଯାଇ ପେଟ୍ରୋଲ୍ ପମ୍ପରେ ତେଲ ଦେବେ କର୍ମଚାରୀ। ଶନିବାର ଏନେଇ ସୂଚନା ଦେଇଛନ୍ତି ପରିବହନ ମନ୍ତ୍ରୀ ବିଭୂତି ଜେନା। ସେ କହିଛନ୍ତି ଯେ ମୋଟର ଭେଇକିଲ୍ ଆକ୍ଟ ଅନୁଯାୟୀ, ଗାଡ଼ିର ସବୁ ପ୍ରକାର ପ୍ରମାଣପତ୍ର ରହିବା କଥା। ସଡ଼କ ସୁରକ୍ଷା ମାସ ଆସୁଥିବାରୁ ପ୍ରଦୂଷଣ ସାର୍ଟିଫିକେଟ୍ କୋହଳ କରାଯାଇଛି। ଯାହାର ପ୍ରଦୂଷଣ ପ୍ରମାଣପତ୍ର ନାହିଁ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ।

ଜୋରିମାନା ନେଇ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ, ୨୦୧୯ରେ ଲାଗୁ ହୋଇଥିବା ବର୍ଦ୍ଧିତ ଫାଇନ୍‌ର କୋହଳ ପାଇଁ ତର୍ଜମା କରିବୁ। ସବୁଠୁ ବଡ଼ କଥା ହେଉଛି ନୂଆଗାଡିକୁ ବି ପ୍ରଦୂଷଣ ପ୍ରମାଣପତ୍ର ମିଳୁଛି, ପୁରୁଣାକୁ ବି ପ୍ରଦୂର୍ଷଣ ପ୍ରମାଣପତ୍ର ମିଳୁଛି। ଯାହାର ତର୍ଜମା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସେପଟେ ପ୍ରଦୂଷଣ ସାର୍ଟିଫିକେଟକୁ ନେଇ ନବ ନିର୍ମାଣ ଛାତ୍ର ସଙ୍ଗଠନ ପରିବହନ ମନ୍ତ୍ରୀଙ୍କ ବାସଭବନ ଘେରାଉ କରିଛି। ପ୍ରଦୂଷଣ ପାଇଁ ବିଭିନ୍ନ ଶିଳ୍ପ, କନଷ୍ଟ୍ରକସନ୍ ସାଇଟ୍ ଦାୟୀ ଥିବା ବେଳେ ତାଙ୍କ ଠାରୁ ଫାଇନ୍ ଆଦାୟ ନକରି କେବଳ ଜନସାଧାରଣଙ୍କୁ ଲୁଟୁଥିବା ଛାତ୍ର ସଙ୍ଗଠନ ଅଭିଯୋଗ କରିଛି। ଆଜି ଏହି ପ୍ରସଙ୍ଗରେ ମନ୍ତ୍ରୀଙ୍କ ସହ ଶାନ୍ତି ଆଲୋଚନା କରିବା ପାଇଁ ଆନ୍ଦୋଳନକାରୀମାନେ ନିଜ ହାତକୁ ଗାମୁଛାରେ ବାନ୍ଧି ଆସିଥିବା ବେଳେ ପୁଲିସ ସେମାନଙ୍କୁ ଅଧାବାଟରୁ ଉଠାଇ ନେଇଯାଇଥିଲା। ଏନେଇ ମନ୍ତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଆନ୍ଦୋଳନ କରିବା ସମସ୍ତଙ୍କ ଅଧିକାର। ଜନସାଧାରଣଙ୍କୁ ହଇରାଣ କରିବା ସରକାରଙ୍କ ଉଦ୍ଦେଶ୍ୟ ନୁହେଁ। ଲୋକଙ୍କ ସୁବିଧା ପାଇଁ ନିୟମ ହୋଇଛି। ଏକ ମାସ ପାଇଁ ସଚେତନ କରାଯିବ। ମୋଟର ଯାନ ଆଇନ ମାନିବ ପାଇଁ ମନ୍ତ୍ରୀ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି।

# ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ପୁରୀ ଓ କୋଣାର୍କ ପରିଦର୍ଶନ

### 'ପୁରୀର ଶ୍ରୀମନ୍ଦିର ଓ କୋଣାର୍କ ସୂର୍ଯ୍ୟ ମନ୍ଦିର କେବଳ ଓଡ଼ିଶାର ନୁହଁ ସମଗ୍ର ଭାରତର ମାନ ଓ ସମ୍ମାନ'

ଭୁବନେଶ୍ୱର,(ଜା.ପ୍ର): ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ତିନିଦିନିଆ ଓଡ଼ଶା ଗସ୍ତରେ ଆସି ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେବା ସହ ଐତିହାସିକ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଭୁବନେଶ୍ୱରରେ ପହଞ୍ଚିବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରିବା ସହିତ ଓଡିଶାବାସୀଙ୍କୁ ଓଡ଼ିଆରେ ସମ୍ବୋଧନ କରିଥିଲେ। ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା ଆର୍. ଏସ୍. ଗୋପାଳନ ଏବଂ ବରିଷ୍ଠ ଅଧିକାରୀମାନେ ତାଙ୍କୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଭବ୍ୟ ସ୍ୱାଗତ ଜଣାଇଥିଲେ। ପୁରୀ ଶ୍ରୀମନ୍ଦିରର ସମ୍ମୁଖରେ ଶ୍ରୀ କୁମାରଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଆରକ୍ଷୀ ଅଧିକ୍ଷକ ପ୍ରତୀକ କୁମାର ସିଂ ଓ ଅନ୍ୟ ଅଧିକାରୀମାନେ ସ୍ୱାଗତ ଜଣାଇବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଅନ୍ୟ ଦେବାଦେବୀଙ୍କ ଦର୍ଶନ କରାଇଥିଲେ।

ଏହି ଅବସରରେ ମହାପ୍ରଭୁଙ୍କ ଆଶୀର୍ବାଦ ତାଙ୍କୁ ସାମ୍ବିଧାନିକ ଗୁରୁଦାୟିତ୍ୱ ଆହୁରି ଭଲ ଭାବରେ ସମ୍ପାଦିତ କରିବା ପାଇଁ ପ୍ରୋତ୍ସାହିତ କରିବ ବୋଲି ମୁଖ୍ୟ ନିର୍ବାଚନ କମିଶନର ଆଶାବ୍ୟକ୍ତ କରିଥିଲେ। ଓଡ଼ିଶାର କଳା, ସାହିତ୍ୟ ଓ ସଂସ୍କୃତି ବହୁ ପ୍ରାଚୀନ ଓ ଅନନ୍ୟ । ଏହି ଗସ୍ତ ସମୟରେ ସେ ସବୁ ବିଷୟରେ ମୁଁ ଅଧିକରୁ



ଅଧିକ ଜାଣିବା ପାଇଁ ଚେଷ୍ଟା କରିବି ବୋଲି ସେ ପୁରୀରେ ଉଲ୍ଲେଖ କରିଥିଲେ। ଶ୍ରୀମନ୍ଦିରର ବରିଷ୍ଠ ଅଧିକାରୀ ଓ ସେବାୟତମାନେ ତାଙ୍କୁ ମହାପ୍ରଭୁଙ୍କ ଆଧ୍ୟାତ୍ମିକ ଓ ସାଂସ୍କୃତିକ ସ୍ୱତନ୍ତ୍ରତା, ନିଆରା ନୀତିକାନ୍ତି, ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ବିଶ୍ୱପ୍ରସିଦ୍ଧ ରଥଯାତ୍ରା, ମନ୍ଦିରର କାରୁକାର୍ଯ୍ୟ ଓ ଭାବଭକ୍ତି ସମ୍ପର୍କରେ ଅବଗତ କରାଇଥିଲେ। ଶ୍ରୀଜଗନ୍ନାଥଙ୍କ ଦର୍ଶନ ପରେ ମୁଖ୍ୟ ନିର୍ବାଚନ କମିଶନର ସମୁଦ୍ର ପାର୍ଶ୍ୱର ମାର୍ଗରେ ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ଯାତ୍ରା କରିଥିଲେ। କଳିଙ୍ଗ ଶୈଳୀର ଅନନ୍ୟ ନିର୍ମାଣ ଓ ୟୁନେସ୍କୋ ଘୋଷିତ ବିଶ୍ୱ ଐତିହ୍ୟ ସ୍ଥଳୀ କୋଣାର୍କର ଅଦ୍ଭୁତ କଳାନୈପୁଣ୍ୟ ଓ ଇତିହାସ ସମ୍ପର୍କରେ ଜାଣି ସେ ଅଭିଭୂତ ହୋଇଥିଲେ।

କୋଣାର୍କରେ ନିର୍ବାଚନ କମିଶନର ଶ୍ରୀ କୁମାର କହିଥିଲେ ଯେ, କୋଣାର୍କ ସୂର୍ଯ୍ୟ ମନ୍ଦିର କେବଳ ଓଡ଼ିଶାର ନୁହଁ ବରଂ ଏହା ସମଗ୍ର ଭାରତର ମାନ ଓ ସମ୍ମାନ ଅଟେ। ମନ୍ଦିରର କଳେବର ଓ କାରୁକାର୍ଯ୍ୟକୁ ଅନୁଧ୍ୟାନ କଲେ ଜଣା ପଡେ ପ୍ରାଚୀନ ସମୟରେ ଆମ ଦେଶ ଧନ, ମାନ, ଜ୍ଞାନ ଓ ବିଜ୍ଞାନରେ କେତେଯେ ସମୃଦ୍ଧ ଥିଲା ସେ କଥା କଳ୍ପନା କଲେ ହୃଦୟ ଗର୍ବ ଓ ଗୌରବରେ ପୁରି ଉଠୁଛି ବୋଲି ଉଲ୍ଲେଖ କରିଥିଲେ। କୋଣାର୍କ ଓ ପୁରୀର ଶ୍ରୀମନ୍ଦିର ଓଡ଼ିଶାର ସମୃଦ୍ଧ ଐତିହ୍ୟ ଓ ପରମ୍ପରାର ଅପୂର୍ବ ନିଦର୍ଶନ। ଏହି ସ୍ଥାନର ଦିବ୍ୟ ଅନୁଭୂତି ମୋର ସବୁଦିନ ସ୍ମରଣୀୟ ହୋଇ ରହିବ ବୋଲି ଶ୍ରୀ କୁମାର ପ୍ରକାଶ କରିଛନ୍ତି। ପୁରୀ ଓ କୋଣାର୍କ ପରିଦର୍ଶନ ସମୟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପାଳନଙ୍କ ସହିତ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ଗୋପୀନାଥ କଅଁର, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ଅନାମିକା ସିଂ, ସ୍ଥାନୀୟ ପ୍ରଶାସନ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ ।

# ବୌଦ୍ଧପୀଠ ରତ୍ନଗିରିରେ ପିକନିକ୍ ଋତୁରେ ପ୍ରବଳ ଭିଡ଼, ପର୍ଯ୍ୟଟନରେ ନୂଆ ଉତ୍ସାହ





ରତ୍ନଗିରି/ଯାଜପୁର,(ଜା.ପ୍ର): ଓଡ଼ିଶାର ଗୌରବମୟ ବୌଦ୍ଧ ଐତିହ୍ୟର ଏକ ଅମୂଲ୍ୟ ପୀଠ ଭାବେ ପରିଚିତ ରତ୍ନଗିରି ଏହି ପିକନିକ୍ ଋତୁରେ ପୁଣିଥରେ ଦର୍ଶକ ଓ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଉଠିଛି। ନବବର୍ଷ ଓ ଛୁଟିଦିନକୁ ନେଇ ପର୍ଯ୍ୟଟକ ଓ ପିକନିକ୍ ପାଳନକାରୀମାନଙ୍କ ଭିଡ ରତ୍ନଗିରି ପରିସରକୁ ଜନସମୁଦ୍ରରେ ପରିଣତ କରିଦେଇଛି। ବୌଦ୍ଧ ବିହାର, ସ୍ତୂପ, ପ୍ରାଚୀନ ଶିଳାଲେଖ ଓ ସଂଗ୍ରହାଳୟ-ଯେଉଁଠାରେ ଶାନ୍ତି, ଧ୍ୟାନ ଓ ଜ୍ଞାନର ଆଭା ରହିଛ-ସେଠାରେ ଆଜି ପିକନିକ୍ ଉତ୍ସବର କୋଳାହଳ ଶୁଣିବାକୁ ମିଳୁଛି। ଏହା ଏକପଟେ ପର୍ଯ୍ୟଟନ ଆଗମନର ସକାରାତ୍ମକ ସଙ୍କେତ ହେଲେ ମଧ, ଅନ୍ୟପଟେ ଏହି ପବିତ୍ର ବୌଦ୍ଧପୀଠର ମର୍ଯ୍ୟାଦା ଓ ସୁରକ୍ଷାକୁ ନେଇ ଗଭୀର ପ୍ରଶ୍ନ ଉଠାଉଛି। ଅନେକ ସ୍ଥାନରେ ଅନିୟନ୍ତ୍ରିତ ଭିଡ, ଯାନଜଟ, ପରିଷ୍କାରତା ଅଭାବ ଓ ଶିଳାବସ୍ତୁ ସମୀପରେ ଅସାବଧାନ ଚଳାଚଳ



ଚିନ୍ତାର କାରଣ ହୋଇଉଠିଛି। ବୌଦ୍ଧ ଐତିହ୍ୟର ସୁରକ୍ଷା କେବଳ ପ୍ରଶାସନର ନୁହେଁ, ପ୍ରତ୍ୟେକ ନାଗରିକଙ୍କ ନୈତିକ ଦାୟିତ୍ୱ ବୋଲି ବୁଦ୍ଧିଜୀବୀ ଓ ସଂସ୍କୃତିପ୍ରେମୀମାନେ ମତ ପ୍ରକାଶ କରୁଛନ୍ତି। ପରିବାର, ଯୁବକ-ଯୁବତୀ, ଛାତ୍ରଛାତ୍ରୀ ଓ ପର୍ଯ୍ୟଟକମାନେ ପିକନିକ୍ ସହିତ ଐତିହ୍ୟ ଦର୍ଶନର ଆନନ୍ଦ ଉଠାଉଥିବା ଦୃଶ୍ୟ ରତ୍ନଗିରି ପରିସରକୁ ଉତ୍ସବମୁଖର କରିଛି। ବୌଦ୍ଧ ବିହାର, ସ୍ତୂପ, ପ୍ରାଚୀନ ମୂର୍ତ୍ତି ଓ ସଂଗ୍ରହାଳୟ ଦର୍ଶନ ପାଇଁ ଲମ୍ବା ଧାଡ଼ି ଦେଖାଯାଉଛି। ପର୍ଯ୍ୟଟକମାନଙ୍କ କହିବାନୁସାରେ, ରତ୍ନଗିରିର ଶାନ୍ତ ଓ ପ୍ରାକୃତିକ ପରିବେଶ ସହିତ ଏହାର ଐତିହାସିକ ଗୁରୁତ୍ୱ ମନକୁ ଗଭୀର ଭାବେ ଆକର୍ଷିତ କରୁଛି। ଅନେକେ ଏହି ସ୍ଥାନକୁ କେବଳ ପିକନିକ୍ ନୁହେଁ, ଆଧ୍ୟାତ୍ମିକ ଶାନ୍ତିର ଏକ କେନ୍ଦ୍ର ଭାବେ ମଧ୍ୟ ଦେଖୁଛନ୍ତି। ତଥାପି, ଅତ୍ୟଧିକ ଭିଡ ହେତୁ ପାର୍କିଂ, ପରିଷ୍କାରତା ଓ ସୁରକ୍ଷା ବ୍ୟବସ୍ଥାକୁ ନେଇ କିଛି ସମସ୍ୟା ମଧ ଦେଖାଦେଉଛି। ସ୍ଥାନୀୟ ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ଭିଡ ନିୟନ୍ତ୍ରଣ, ସ୍ୱଚ୍ଛତା ରକ୍ଷା ଓ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଅଧିକ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି। ରତ୍ନଗିରିରେ ଏହି ପ୍ରବଳ ଭିଡ ଓ ପର୍ଯ୍ୟଟକ ଆଗମନ ଓଡ଼ିଶାର ବୌଦ୍ଧ ପର୍ଯ୍ୟଟନ ପାଇଁ ଏକ ସକାରାତ୍ମକ ସଙ୍କେତ ଭାବେ ଦେଖାଯାଉଛି। ଆଗାମୀ ଦିନରେ ସଠିକ୍ ପରିଚାଳନା ଓ ସଚେତନତା ମାଧମରେ ଏହି ପବିତ୍ର ବୌଦ୍ଧପୀଠର ଗୌରବ ଆଉ ଅଧିକ ଉଜ୍ଜ୍ୱଳ ହେବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରୁଛନ୍ତି।

ଜାତୀୟ ଚେତନା
JATIYA CHETANA

# ଘରୋଇ ହିଂସା: ବଦଳୁଥିବା ସମୟର ସତ୍ୟ

ଘରୋଇ ହିଂସା ସାମ୍ପ୍ରତିକ ସମୟର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଓ ଗମ୍ଭୀର ସମସ୍ୟା ରୂପେ ଉଭା ହୋଇଛି। ଏହା ସମୁଦାୟ ସାମାଜିକ ଓ ଆର୍ଥିକ ଶ୍ରେଣୀ ଏବଂ ସାଂସ୍କୃତିକ ପୃଷ୍ଠଭୂମିର ସୀମାକୁ ଅତିକ୍ରମ କରି ସମସ୍ତଙ୍କୁ ପ୍ରଭାବିତ କରୁଛି। ସମାଜରେ ଘଟୁଥିବା ଦ୍ରୁତ ପରିବର୍ତ୍ତନର ଅବିରତ ଚାପ ତଳେ ଶହ ଶହ ପରିବାର ଭାଙ୍ଗି ପଡୁଛନ୍ତି। ଲିଙ୍ଗଗତ ବିଭେଦ ଓ ଜୀବନଶୈଳୀରେ ପରିବର୍ତ୍ତନ ସହିତ ପରିବାରଗୁଡ଼ିକ ଅଧିକ ସମ୍ବେଦନଶୀଳ ଏବଂ ପ୍ରତିକ୍ରିୟାଶୀଳ ହେଉଛନ୍ତି, ଯାହା କ୍ରମେ ହିଂସାରେ ପରିଣତ ହେଉଛି। ବର୍ଷାନୁକ୍ରମେ ଘରୋଇ ହିଂସା ସମ୍ପର୍କିତ ଆଇନଗତ ପରିଦୃଶ୍ୟରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିଛି। ପୀଡ଼ିତ/ବଞ୍ଚିତମାନଙ୍କୁ ଉତ୍ତମ ସୁରକ୍ଷା ଦେବା, ଅପରାଧୀମାନଙ୍କୁ ଦାୟୀ କରିବା ଏବଂ ଶାରୀରିକ, ମାନସିକ, ଆର୍ଥିକ ଓ ମନୋବୈଜ୍ଞାନିକ ଭଳି ବିଭିନ୍ନ ପ୍ରକାର ନିର୍ଯାତନାକୁ ଚିହ୍ନଟ କରିବା ପାଇଁ ବିଭିନ୍ନ ଆଇନ ପ୍ରଣୟନ କରାଯାଇଛି। ଏହି ଆଇନଗତ ସଂଶୋଧନଗୁଡ଼ିକ ନିଶ୍ଚୟ ଠିକ୍ ଦିଗରେ ଏକ ପଦକ୍ଷେପ, କିନ୍ତୁ ପ୍ରତିଶୋଧର ଭୟ, ନ୍ୟାୟ ପ୍ରାପ୍ତିର ସୀମିତ ସୁଯୋଗ, ଆଇନଗତ ପଦକ୍ଷେପ ଗ୍ରହଣରେ ସାଂସ୍କୃତିକ ବାଧା ଏବଂ ଅତି ଭାରାକ୍ରାନ୍ତ ନ୍ୟାୟାଳୟ ବ୍ୟବସ୍ଥା କାରଣରୁ ଏହାର ସଠିକ୍ ? କାର୍ଯ୍ୟାନ୍ୱୟନ ପ୍ରାୟତଃ ବାଧାପ୍ରାପ୍ତ ହୋଇଥାଏ ।

ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ବର୍ତ୍ତମାନ ରହିଥିବା ଆଇନଗତ ଢାଞ୍ଚା ସହ ସମାନ୍ତରାଳ ଭାବରେ କାର୍ଯ୍ୟକାରୀ ହୋଇପାରୁଥିବା ଅନୁପୂରକ ପଦ୍ଧତିଗୁଡ଼ିକୁ ଅନ୍ୱେଷଣ କରିବାର ସମୟ ଆସିଛି। ଘରୋଇ ହିଂସା ବିରୋଧରେ ସଚେତନତାମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ମହିଳାମାନେ ଭୋଗୁଥିବା ନିର୍ଯାତନା ବୃଦ୍ଧିପାଇବା ପଛରେ ଥିବା କାରଣଗୁଡ଼ିକ ବିଷୟରେ ଜାଣିବା, ପୀଡ଼ିତ ସମୁଦାୟକୁ ସୁରକ୍ଷା ଦେବା ପାଇଁ ଗଠିତ ଆଇନଗୁଡ଼ିକ କିପରି କ୍ରମେ ବିକାଶ ପାଇଛି ତାହାକୁ ବୁଝିବା ଏବଂ 'ପୁନଃସ୍ଥାପନାମୂଳକ ନ୍ୟାୟ' ଭଳି ପୀଡ଼ିତକୈନ୍ଦ୍ରିକ ପଦ୍ଧତିଗୁଡ଼ିକ କିପରି ଏକ ସୁରକ୍ଷିତ ସମୁଦାୟ ଗଢ଼ିବାରେ ସହାୟକ ହୋଇପାରେ, ସେ ନେଇ ଅଧିକରୁ ଅଧିକ ଅର୍ଥପୂର୍ଣ୍ଣ ଆଲୋଚନାଚକ୍ର ଏବଂ କର୍ମଶାଳାର ଆୟୋଜନ କରିବାର ଆବଶ୍ୟକତା ରହିଛି। ଘରୋଇ ହିଂସା କେବଳ ଶାରୀରିକ ହିଂସା ନୁହେଁ! ବ୍ୟକ୍ତିକୁ ଆର୍ଥିକ ସ୍ୱାଧୀନତା ନଦେବା, ଘରର କୌଣସି ନିଷ୍ପତ୍ତିରେ ସୁଯୋଗ ବା ସ୍ୱାଧୀନତା ନମିଳିବା, ଅପମାନସୂଚକ ଶବ୍ଦ ପ୍ରୟୋଗ କରିବା, ଗାଳି ଦେବା ବା ସ୍ୱାଧୀନ ଭାବରେ ଅନ୍ୟମାନଙ୍କ ସହ ମିଳାମିଶା କରିବାର ସୁଯୋଗ ଓ ବାହାରକୁ ଯିବାର ସ୍ୱାଧୀନତା ନଯୋଗାଇବା ମଧ୍ୟ ଘରୋଇ ହିଂସା ଅନ୍ତର୍ଭୁକ୍ତ। ସେହି କ୍ରମରେ ଘରୋଇ ହିଂସାର ଏହି ଦୀର୍ଘ ଯାତ୍ରାପଥରେ ଏପର୍ଯ୍ୟନ୍ତ କ'ଣ ପରିବର୍ତ୍ତନ ଆସିଛି ଏବଂ କ'ଣ ଅପରିବର୍ତ୍ତିତ ରହିଛି ? ସେ ବିଷୟଟିକୁ ଆଲୋଚନା କରିବା ପ୍ରାସଙ୍ଗିକ ମନେହୁଏ। ଆମେ ସମୟ ସହ ତାଳ ଦେଇ ଆଧୁନିକ ହେଉଛେ, ଆମର ଜ୍ଞାନର ପରିସର ବୃଦ୍ଧିପାଇଛି, ଆମକୁ ବାକ୍ ସ୍ୱାଧୀନତା ମିଳିଛି, ନିଜର ଅଧିକାର ପାଇଁ ଆଇନତଃ ଆମେ ସକ୍ଷମ, ତଥାପି ଘରୋଇ ହିଂସାର ଶିକାର ହେଉଥିବା, ବିଶେଷ କରି ମହିଳାମାନେ ଲଜ୍ଜ୍ୟାବଶତଃ ଏହାକୁ ପରିପ୍ରକାଶ କରୁନାହାଁନ୍ତି। ଏହାର କାରଣ ମଧ୍ୟ ରହିଛି ଯେ, ପିଲାଦିନରୁ ଝିଅଟିଏକୁ ଶିକ୍ଷା ଦିଆଯାଏ 'ମାଆରେ ! ଶାଶୂଘରେ କିଛି ଅସୁବିଧା ହେଲେ ଟିକେ ସହିଯିବୁ, ମୁଣ୍ଡ ନୁଆଇଁ ଦେଲେ ପରା ସମୁଦ୍ର ପାରି' ଏହିଭଳି କହି ତାକୁ ନିଜ ଉପରେ ହେଉଥିବା ହିଂସା, ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ବାରଣ କରାଯାଏ ।

ସହିବାକୁ ନାରୀର ଧର୍ମ ବୋଲି ଗୋଟିଏ ଅଲିଖିତ ନିୟମ ଭିତରେ ବାନ୍ଧି ଦିଆଯାଏ। ଘରୋଇ ହିଂସାକୁ ଘରୋଇ ମାମଲା କହି ତାକୁ ଘୋଡ଼େଇ ଦେବାକୁ ଚେଷ୍ଟା କରାଯାଏ। ଘର କଥା ବାହାରେ କହିଲେ ପରିବାରର ସମ୍ମାନ ହାନି ହେବ, ଲୋକଲଜ୍ଜ୍ୟା ବ୍ୟାପିଯିବ ବୋଲି ପୀଡ଼ିତ ମହିଳାମାନେ ଚୁପ୍ ରହିଯାଆନ୍ତି। ବେଳେବେଳେ ଘରୋଇ ହିଂସା ପାଇଁ ମହିଳାମାନେ ନିଜକୁ ବି ଦାୟୀ କରିବାର ଦେଖାଯାଇଛି। କିଛି ଅପ୍ରୀତିକର ପରିସ୍ଥିତି ବା ଘଟଣା ଘଟିଗଲେ, ଏହା ତାଙ୍କ ଭୁଲ୍ ଯୋଗୁଁ ହୋଇଛି ବୋଲି ଧରିନିଅନ୍ତି। ଏସବୁ ଆଜି ବି ଅପରବର୍ତ୍ତିତ ରହିଛି ଆମ ସଭ୍ୟ ସମାଜରେ। ସତ୍ୟତା ହେଉଛି ସହିଯିବା, ନିରବ ରହିବା, ପ୍ରତିବାଦ ନକରିବା ଘରୋଇ ହିଂସାକୁ କମାଏ ନାହିଁ, ବରଂ ଆହୁରି ସାହସ ଯୋଗାଏ। ଏ କ୍ଷେତ୍ରରେ କିଛି ପରିବର୍ତ୍ତନ ଯେ ଆସିନାହିଁ, ସେ କଥାକୁ ଜୋର ଦେଇ ଆମେ କହିପାରିବା ନାହିଁ, ଘରୋଇ ହିଂସାରୁ ସୁରକ୍ଷା ନିମନ୍ତେ ମହିଳାଙ୍କ ପାଇଁ ଆଇନ ବ୍ୟବସ୍ଥା ରହିଛି। ମହିଳାଙ୍କ ମାନସିକତାକୁ ବୁଝିବା ପାଇଁ ତାଙ୍କ କଥାକୁ ଧୈର୍ଯ୍ୟର ସହ ଶୁଣିବା ପାଇଁ କାଉନସେଲର, ବେସରକାରୀ ଅନୁଷ୍ଠାନ, ସହାୟତା କେନ୍ଦ୍ର, ସମାଜସେବୀମାନେ ଆଗେଇ ଆସୁଛନ୍ତି। ନାରୀମାନେ ନିଜ ଉପରେ ହେଉଥିବା ଅତ୍ୟାଚାର ବିଷୟରେ ମୁହଁ ଖୋଲି କହୁଛନ୍ତି ।

ଆତ୍ମନିର୍ଭରଶୀଳ ଏବଂ ଆର୍ଥିକ ସ୍ୱଚ୍ଛଳତା ମହିଳାଙ୍କୁ ସଶକ୍ତ କରିଛି, ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଶିଖାଇଛି। ସମାଜ ଧୀରେ ଧୀରେ ମହିଳାଙ୍କ ସୁରକ୍ଷା ପାଇଁ ସଚେତନ ଏବଂ ସମ୍ବେଦନଶୀଳ ହେଉଛି, ଯାହା ନିଶ୍ଚୟ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କଥା ହେଉଛି, ଘରୋଇ ହିଂସା ଭୋଗୁଥିବା ପରିବାରରେ କେବଳ ମହିଳା/ପୁରୁଷ ପ୍ରଭାବିତ ହୁଅନ୍ତି ନାହିଁ। ସେମାନଙ୍କ ପରିବାର, ସନ୍ତାନ, ପଡ଼ୋଶୀ ଏବଂ ସାଙ୍ଗସାଥୀଙ୍କ ଉପରେ ଏହାର କୁପ୍ରଭାବ ପଡ଼େ। ବାପାମାଆଙ୍କ ବ୍ୟବହାର ଯୋଗୁଁ ପିଲାଙ୍କ ଆଗାମୀ ଭବିଷ୍ୟତ ସନ୍ଦିହାନ ହୁଏ। ସେମାନେ ସମାଜରୁ ଦୂରେଇ ଯାଇ ଘରେ ସଂକୁଚିତ ହୋଇଯାଆନ୍ତି। ଯାହାର ପରିଣାମ କୁସଙ୍ଗ, ଅସାମାଜିକ କାର୍ଯ୍ୟକଳାପ, ନିଶାସେବନ ଏବଂ ଅପରାଧ ଭଳି ନୂଆ ସମସ୍ୟା ସୃଷ୍ଟିକରେ। ଘରୋଇ ହିଂସାରୁ ମୁକ୍ତି ପାଇବାର ମାର୍ଗ ଘରୁ ହିଁ ଆରମ୍ଭ ହୁଏ, ମାତ୍ର ତାହା ସାହସରେ ସ୍ୱର ପାଏ। ପରିବର୍ତ୍ତନ ଆସିବ, ମାତ୍ର ପୀଡ଼ିତ ନିଜେ ସଚେତନ ହେଲେ। ଏହା ପାଇଁ ଆଇନ ଅଛି ସତ, ମାତ୍ର ସମକାଳରେ ଭୟ ବି ଅଛି ଯେ, ଏହାର ବିରୋଧ କଲେ ପରିବାର ହରେଇବାକୁ ପଡ଼ିପାରେ। ଏଣୁ ଯାହା ପରିବର୍ତ୍ତନ ହୋଇନାହିଁ, ତାକୁ ପରିବର୍ତ୍ତନ କରିବାର ଗୁରୁଦାୟିତ୍ୱ ଆମ ସମସ୍ତଙ୍କ ହାତରେ। 'ସ୍ୱର ଉଠେଇଲେ ସାହାଯ୍ୟ ନିଶ୍ଚୟ ମିଳିବ, ନିରବତା ସମାଧାନ ନୁହେଁ'– ଏହି ଉକ୍ତିକୁ ଯେତେଶୀଘ୍ର ଘରୋଇ ହିଂସା ଦ୍ୱାରା ପୀଡ଼ିତ ବ୍ୟକ୍ତି ବୁଝିବେ, ସମାଧାନ ସେତେ ସହଜ ଓ ତ୍ୱରିତ ହେବ ବୋଲି ବିଶ୍ୱାସ ରହିଛି।

# ସଙ୍କଟରେ ଗ୍ରାମୀଣ ଶ୍ରମିକଙ୍କ ରୋଜଗାର

ଭାଲଚନ୍ଦ୍ର ଷଡ଼ଙ୍ଗୀ

ବହୁଚର୍ଚ୍ଚିତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମାଞ୍ଚଳ ରୋଜଗାର ଗ୍ୟାରେଣ୍ଟି ଆଇନ ବା ଏମ୍‌ଜିଏନ୍‌ଆର୍‌ଇଜିଏକୁ ସମାପ୍ତ କରି ତା' ସ୍ଥାନରେ 'ବିକଶିତ ଭାରତ ରୋଜଗାର ଓ ଆଜୀବିକା ମିଶନ (ଗ୍ରାମୀଣ)' ବା 'ବିଭି ଜି ରାମ ଜି' ନାମରେ ଆଉ ଏକ ଆଇନ ପ୍ରଣୟନ କରିଛନ୍ତି। ସଂସଦରେ ସରକାର ନିଛକ ଧ୍ୱନିମତରେ ଏହି ନୂତନ ଆଇନକୁ ଗୃହୀତ କରାଇଛନ୍ତି। ସଂସଦର ଶୀତ ଅଧିବେଶନର ଶେଷ ହେବାର ଠିକ୍ ପୂର୍ବରୁ ତରବରିଆ ଭାବେ ଅଣାଯାଇଥିବା ଏହି ସଂକ୍ରାନ୍ତୀୟ ବିଲ୍‌ଟିକୁ ବିରୋଧୀ ଦଳ ସାଂସଦଙ୍କ ଜୋର୍‌ଦାର ଦାବି ସତ୍ତ୍ୱେ ତାକୁ ଅଧିକ ବିଚାର ଆଲୋଚନା ପାଇଁ ସଂସଦୀୟ ସ୍ଥାୟୀ ସମିତି ନିକଟକୁ ପଠାଗଲା ନାହିଁ। ଏପରିକି ଏହି ଆଇନ ଯୋଗୁ ପ୍ରଭାବିତ ହେବାକୁ ଯାଉଥିବା ସମସ୍ତ ପକ୍ଷ ଯଥା ଗ୍ରାମାଞ୍ଚଳରେ ରହିଥିବା ଏମ୍‌ଜିଏନ୍‌ଆର୍‌ଇଜିଏର ବହୁ କୋଟି ଶ୍ରମିକ, ସେମାନଙ୍କ ଅଧିକାର ପାଇଁ କାର୍ଯ୍ୟରତ ସଙ୍ଗଠନ, ବିଭିନ୍ନ ରାଜ୍ୟ ସରକାର କାହାରି ବି ମତାମତ ନ ନେଇ ଏହାକୁ ଏକପାଖିଆ ଭାବେ ଗୃହୀତ କରାଇ ଦିଆଯାଇଛି।

୨୦୦୪ ଲୋକ ସଭା ନିର୍ବାଚନ ପରେ କ୍ଷମତାକୁ ଆସିଥିବା ତତ୍କାଳୀନ ୟୁପିଏ ସରକାର ଆଗରେ ଗ୍ରାମାଞ୍ଚଳର ଆର୍ଥିକ ଦୁର୍ଦ୍ଦଶା ଦୂରକରିବା ପ୍ରାଥମିକତାରେ ରହିଥିଲା। ଏହି କ୍ରମରେ ଦେଶବ୍ୟାପୀ ସାମାଜିକ କର୍ମୀ, ଶ୍ରମିକ ସଂଗଠନ, ବୁଦ୍ଧିଜୀବୀଙ୍କ ସହ ବିଚାରବିମର୍ଶ ପରେ ୟୁପିଏ ସରକାର ୨୦୦୫ରେ ଜାତୀୟ ଗ୍ରାମାଞ୍ଚଳ ନିଶ୍ଚିତ ରୋଜଗାର ବିଲ୍ ଆଣିଥିଲେ। ବିଲ୍‌ଟି ଗୃହୀତ ହେବା ପୂର୍ବରୁ ବିଚାରବିମର୍ଶ ପାଇଁ ଭାଜପା ନେତା କଲ୍ୟାଣ ସିଂଙ୍କ ଅଧକ୍ଷତାରେ ଗଠିତ ସଂସଦୀୟ ସ୍ଥାୟୀ ସମିତିକୁ ପଠାଯାଇଥିଲା। ଶେଷରେ ସଂଶୋଧିତ ବିଲ୍‌ଟିକୁ ଦଳମତ ନିର୍ବିଶେଷରେ ସମସ୍ତେ ସମର୍ଥନ କରିବା ପରେ ତାହା ଗୃହୀତ ହୋଇ ଆଇନରେ ପରିଣତ ହୋଇଥିଲା।

ଏହି ଆଇନରେ ଗ୍ରାମାଞ୍ଚଳର ଗରିବ ଶ୍ରମିକମାନଙ୍କୁ ୫ କି.ମି. ପରିଧି ମଧ୍ୟରେ ବାର୍ଷିକ ୧୦୦ ଦିନ କାମ ଯୋଗାଇବାର ବ୍ୟବସ୍ଥା ରହିଥିଲା। ଏଥିରେ ପଞ୍ଜୀକୃତ ହେବା ପରେ ଜଣେ ଶ୍ରମିକ କାମ ମାଗିବାର ୭ ଦିନ ମଧ୍ୟରେ ସରକାର କାମ ଯୋଗାଇବାକୁ ଏବଂ ୧୫ ଦିନ ମଧ୍ୟରେ କାମ ଦେଇ ନ ପାରିଲେ ବେକାରି ଭତ୍ତା ଦେବାକୁ ବାଧ୍ୟ ଥିଲେ। ଏହି ଆଇନ ଆସିବା ପରେ ଶହେ ଦିନର ବିକଳ୍ପ ରୋଜଗାରର ଗ୍ୟାରେଣ୍ଟି ଫଳରେ ବର୍ଷକୁ ଅତିରିକ୍ତ ୧୦୦ଦିନ କାମ ମିଳିବା ସହ ଗାଁରେ କୃଷି ଓ ଅନ୍ୟାନ୍ୟ କାମରେ ସେମାନଙ୍କର ମୂଲଚାଲ କ୍ଷମତା ବଢ଼ିଲା। କାମ ପାଇଁ ଗାଁରୁ ପଳାୟନ ହ୍ରାସ ପାଇବା ସହ ସବୁଠାରୁ ଗରିବ ଲୋକଙ୍କ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେଲା।

ଗତ ୨ଦଶକ ଧରି ପ୍ରଥମେ ନରେଗା ଓ ପରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମାଞ୍ଚଳ ନିଶ୍ଚିତ ରୋଜଗାର ଆଇନ ବା ଏମ୍‌ଜିଏନ୍‌ଆର୍‌ଇଜିଏ ଦେଶର ଗ୍ରାମାଞ୍ଚଳ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ଏହା ଜରିଆରେ ଗରିବ ଲୋକଙ୍କ ହାତକୁ ପଇସା ଯିବା ସହ ପ୍ରତିବର୍ଷ ଗ୍ରାମାଞ୍ଚଳରେ ରାସ୍ତା, ପୋଖରୀ, ଆଡ଼ିବନ୍ଧ, କେନାଲ ନିର୍ମାଣ ପରି ଭିତ୍ତିଭୂମି ସୃଷ୍ଟି ହୋଇପାରିଛି। କୋଭିଡ୍ ସମୟରେ ପ୍ରବାସୀ ଶ୍ରମିକମାନେ ଯେଉଁଭଳି ଖରାପ ସ୍ଥିତିରେ ଗାଁକୁ ଫେରିଲେ, ସେମାନଙ୍କୁ ବଞ୍ଚାଇବାରେ ଏମ୍‌ଜିଏନ୍‌ଆର୍‌ଇଜିଏ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

ଏମ୍‌ଜିଏନ୍‌ଆର୍‌ଇଜିଏ ମାଧ୍ୟମରେ ଗ୍ରାମୀଣ ଶ୍ରମିକମାନେ ସର୍ବନିମ୍ନ ମଜୁରି ପାଇବା ଅନେକାଂଶରେ ସମ୍ଭବ ହୋଇପାରୁଥିଲା। ଏହାର ଚାପରେ କୃଷି କାମରେ ନିୟୋଜିତ କୃଷି ଶ୍ରମିକଙ୍କ ମଜୁରିରେ ଅନେକ ପରିମାଣରେ ବୃଦ୍ଧି ଘଟିଥିଲା। ସେହି କାରଣରୁ ଗ୍ରାମାଞ୍ଚଳର ଧନିକ ଶ୍ରେଣୀ ବିଶେଷକରି ଧନୀଚାଷୀ ଓ ଜମିଦାର ଶ୍ରେଣୀ ପ୍ରଥମରୁ ଏହି ଆଇନର ବିରୋଧକରି ଆସିଛନ୍ତି। ସେମାନଙ୍କୁ ଖୁସି କରିବାକୁ ସରକାର ନୂଆ ଆଇନରେ ଚାଷ ସମୟରେ ୨ ମାସ ତା' ଅଧୀନରେ ଆସୁଥିବା କାମକୁ ସ୍ଥଗିତ ରଖି କୃଷି ପାଇଁ ଶସ୍ତାରେ ଶ୍ରମିକ ଉପଲବ୍ଧ କରାଇବାକୁ କହିଛନ୍ତି। ଫଳରେ ସରକାରୀ କାମ ପାଇବାରୁ ବଞ୍ଚିତ ହୋଇ ଶ୍ରମିକମାନେ କମ୍ ମଜୁରିରେ କୃଷିକାମ କରିବାକୁ ବାଧ୍ୟ ହେବେ। ସେମାନଙ୍କ ମୂଲଚାଲ କ୍ଷମତା ଦୁର୍ବଳ ହେବ। ଯେତେବେଳେ ଗାଁର ଶ୍ରମିକଙ୍କୁ ସବୁଠାରୁ ଅଧିକ କାମର ଆବଶ୍ୟକତା ଥାଏ, ସେତେବେଳେ ଏଭଳି ନିୟମ ସେମାନଙ୍କୁ କାମରୁ ବଞ୍ଚିତ କରିବ ଏବଂ ସୁଧଖୋର ମହାଜନଙ୍କ ଉପରେ ନିର୍ଭରଶୀଳତାକୁ ବଢ଼ାଇଦେବ।

କେନ୍ଦ୍ର ସରକାର ଆଣିଥିବା ନୂଆ ଆଇନରେ ଏମ୍‌ଜିଏନ୍‌ଆର୍‌ଇଜିଏର ମୂଳ ଲକ୍ଷ୍ୟକୁ ସମ୍ପୂର୍ଣ୍ଣ ଭାବେ ଅସ୍ୱୀକାର କରାଯାଇଛି, ଯେଉଁଥିରେ ଏକ ସାର୍ବଜନୀନ ଚାହିଦାଭିତ୍ତିକ ଆଇନ ମାଧ୍ୟମରେ କାମ ପାଇବାର ସୀମିତ ଅଧିକାରକୁ ନିଶ୍ଚିତ କରାଯାଇଥିଲା। ଏହି କାରଣରୁ ବଜେଟରେ ଏମ୍‌ଜିଏନ୍‌ଆର୍‌ଇଜିଏ ବାବଦରେ ବ୍ୟୟବରାଦର କୌଣସି ସୀମା ନ ଥିଲା। ବଜେଟରେ ନିର୍ଦ୍ଧାରିତ ବ୍ୟୟବରାଦ ରାଶିଠାରୁ ଚାହିଦା ବେଶି ହେଲେ ସରକାରଙ୍କୁ ଅତିରିକ୍ତ ଅନୁଦାନ ଦେବାକୁ ପଡୁଥିଲା। କିନ୍ତୁ ନୂଆ ଆଇନରେ ସେହି ସୁଯୋଗକୁ ସଙ୍କୁଚିତ କରିଦିଆଯାଇଛି। ବଜେଟ ଅନୁଦାନକୁ ଏକ ସୀମା ମଧ୍ୟରେ ରଖି କାମ କମାଇବା ଦିଗରେ ବ୍ୟବସ୍ଥା ରଖାଯାଇଛି। ଆଇନ ମାଧ୍ୟମରେ କେନ୍ଦ୍ର ସରକାରଙ୍କୁ ଚାହିଦା ଅନୁଯାୟୀ ତହବିଲ ବ୍ୟବସ୍ଥା କରିବା ଦାୟିତ୍ୱରୁ ମୁକ୍ତ କରିବାକୁ ଆଇନଗତ ସମ୍ମତି ଦିଆଯାଇଛି।

ପୂର୍ବରୁ ଜଣେ ଶ୍ରମିକ ବର୍ଷର ୩୬୫ ଦିନ ମଧ୍ୟରୁ ଯେକୌଣସି ୧୦୦ ଦିନ କାମ ମାଗିବାର ବ୍ୟବସ୍ଥା ଥିବା ବେଳେ ନୂଆ ଆଇନରେ ତାକୁ ବର୍ଷରେ ୨ମାସ ହ୍ରାସ କରାଯାଇଛି। ସରକାରଙ୍କ ପକ୍ଷରୁ ୧୦୦ ଦିନ ବଦଳରେ ଏଣିକି ୧୨୫ ଦିନ ନିଶ୍ଚିତ କାମ ଦେବାର ଯେଉଁ ଉଲ୍ଲେଖ କରାଯାଇଛି ତାହା ଉପରଠାଉରିଆ ବୋଲି କୁହାଯାଇପାରେ। ପୂର୍ବ ଆଇନରେ ବାର୍ଷିକ ୧୦୦ ଦିନ କାମ ଯୋଗାଇବାର ବ୍ୟବସ୍ଥା ଥିବାବେଳେ ସରକାର ଗତ ୧୧ ବର୍ଷ ମଧ୍ୟରେ ବାର୍ଷିକ ଅତିବେଶିରେ ୩୩-୫୦ ଦିନ କାମ ଦେଇପାରିଛନ୍ତି। ଏଥିରେ ବହୁ କମ୍ ମଜୁରି ମିଳିବା, ବହୁତ ବିଳମ୍ବରେ ମଜୁରି ଦିଆଯିବା ଏବଂ କେନ୍ଦ୍ରର ଅନୁଦାନ ଆସିବାରେ ଅହେତୁକ ବିଳମ୍ବ ଲାଗି ଶ୍ରମିକମାନେ ନିଜର ଚାହିଦା ମୁତାବକ କାମ ପାଇପାରୁ ନ ଥିଲେ। ଅତଏବ ପୂର୍ବର ୧୦୦ ଦିନ କାମ ଯୋଗାଇବାରେ ବିଫଳ ସରକାର ଏବେ ବାର୍ଷିକ ୧୨୫ ଦିନ କାମ ଦେବାର ପ୍ରତିଶ୍ରୁତି ଦେବା ହାସ୍ୟାସ୍ପଦ ମନେହୁଏ।

ବିପଜ୍ଜନକ କଥା ହେଲା, ଆଇନରେ ନିଷ୍ପତ୍ତି ନେବାର ଅଧିକାରକୁ ସମ୍ପୂର୍ଣ୍ଣ କେନ୍ଦ୍ରୀକରଣକରି କେନ୍ଦ୍ର ସରକାରକୁ ସମସ୍ତ କ୍ଷମତା ଦିଆଯାଇଥିବା ବେଳେ ଖର୍ଚ୍ଚର ଭାରକୁ ରାଜ୍ୟ ସରକାରଙ୍କ ଉପରେ ଲଦିଦିଆଯାଇଛି। ଏଣିକି ଦେଶର କେଉଁ ଅଞ୍ଚଳର ଲୋକଙ୍କୁ କାମ ଦିଆଯିବ, କେଉଁ ପ୍ରକାର କାମ କରାଯିବ ଓ ବର୍ଷର କେଉଁ ସମୟରେ ୬୦ ଦିନ କାମ ବନ୍ଦ କରାଯିବ, ସବୁ କିଛି କେନ୍ଦ୍ର ସରକାର ସ୍ଥିର କରିବେ। ଏହା ସଂଘୀୟ ବିଚାରର ପରିପନ୍ଥୀ। ଅନ୍ୟପଟେ ପୂର୍ବରୁ ମଜୁରି ଦେବାର ସମ୍ପୂର୍ଣ୍ଣ ଦାୟିତ୍ୱ କେନ୍ଦ୍ର ସରକାରଙ୍କର ଥିବାବେଳେ ନୂଆ ଆଇନରେ ତାକୁ ୬୦:୪୦ ଅନୁପାତରେ ରାଜ୍ୟ ସରକାରଙ୍କ ଉପରେ ଲଦିଦିଆଯାଇଛି। ଅର୍ଥାତ୍ ରାଜ୍ୟ ସରକାରମାନେ ମଜୁରି ବାବଦରେ ମୋଟ ଖର୍ଚ୍ଚର ୪୦% ବହନ କରିବେ। ସହଜେ ତ ତ୍ରୁଟିପୂର୍ଣ୍ଣ ଜିଏସ୍‌ଟି ଓ ଅଧିକାରୁ ଅଧିକ ସେସ୍ ଆଦାୟ ଯୋଗୁ ରାଜ୍ୟମାନେ ଟିକସ ଆଦାୟ କରିବାର ନିଜର ସ୍ୱାଧୀନତାକୁ ହରାଇ ବିପୁଳ ଆର୍ଥିକ କ୍ଷତି ସହୁଥିବା ବେଳେ ସେମାନଙ୍କ ଉପରେ ଏହି ଆଇନ ଯୋଗୁ ପଡ଼ିବାକୁ ଥିବା ଅତିରିକ୍ତ ବୋଝକୁ ସମ୍ଭାଳିବା କଷ୍ଟସାଧ ହେବ। ସେମାନେ ଯଦି ଏହି ବୋଝ ଉଠାଇବାକୁ ସକ୍ଷମ ହେବେନାହିଁ ତା'ହେଲେ କେନ୍ଦ୍ର ସରକାର ନିଜର ୬୦% ଅଂଶ ନ ଦେବାକୁ ସୁଯୋଗ ପାଇବେ। ଏଭଳି ସ୍ଥିତିରେ ଶ୍ରମିକମାନେ କାମ ପାଇବାରୁ ବଞ୍ଚିତ ହେବେ।

ମହାତ୍ମା ଗାନ୍ଧୀଙ୍କ ନାମରେ ଥିବା ଏମ୍‌ଜିଏନ୍‌ଆର୍‌ଇଜିଏକୁ ହଟାଇ ତାକୁ ଯେଉଁଭଳି 'ଜି ରାମ ଜି' କରାଯାଇଛି, ସେଥିରୁ ମହାତ୍ମା ଗାନ୍ଧୀଙ୍କ ପ୍ରତି ଶାସକ ଦଳର ଆଦର୍ଶଗତ ଅସୂୟା ବାରି ହୋଇଯାଉଛି। କେନ୍ଦ୍ର ସରକାର ପୂର୍ବରୁ ହିଁ ବିଭିନ୍ନ ଯାନ୍ତ୍ରିକ କାରଣ ଦେଖାଇ ଦେଶର ବହୁ କୋଟି ଏମ୍‌ଜିଏନ୍‌ଆର୍‌ଇଜିଏ ଶ୍ରମିକଙ୍କୁ ପଞ୍ଜୀକରଣ ତାଲିକା ଓ ଜବ୍‌କାର୍ଡ଼ରୁ ବାଦ୍ ଦେଇଛନ୍ତି। ନୂଆ ଆଇନରେ ଜବ୍‌କାର୍ଡକୁ 'ଯୁକ୍ତିସଂଗତ' ଓ 'ପାରଦର୍ଶୀ' କରିବା ନାଁରେ ବସ୍ତୁତଃ ଗ୍ରାମାଞ୍ଚଳର ଗରିବ ଶ୍ରମିକଙ୍କ ଏକ ବଡ଼ ଅଂଶକୁ ଯୋଜନାରୁ ବାହାରେ ରଖିବାର ଦ୍ୱାର ଖୋଲାଯାଇଛି। ଏହି ଆଇନ ଗ୍ରାମାଞ୍ଚଳର ବହୁ କୋଟି ଶ୍ରମିକଙ୍କୁ କାମର ଅଧିକାର ଓ ସୁଯୋଗରୁ ବଞ୍ଚିତ କରିବାକୁ ଯାଉଛି। ପରିଣାମ ସ୍ୱରୂପ ଗାଁଗୁଡ଼ିକରେ ବେକାରି ଓ ଦାରିଦ୍ର୍ୟ ବଢ଼ିବା ସହ ଅଧିକରୁ ଅଧିକ ଲୋକ ବାହାରକୁ ପଳାୟନ କରିବାକୁ ବାଧ୍ୟ ହେବେ।

ଜାତୀୟ ଚେତନା
JATIYA CHETANA



## ଜନଜାତି ଉପଦେଷ୍ଟା ପରିଷଦ ବୈଠକ

# ଆଦିବାସୀ ଗ୍ରାମର ପୂଜକଙ୍କୁ ଏଣିକି ମିଳିବ ଭତ୍ତା



ଭୁବନେଶ୍ୱର,(ଜା.ପ୍ର): ଆଦିବାସୀମାନଙ୍କ ଜୀବନ ଜୀବିକା, ଅର୍ଥନୈତିକ ବିକାଶ ସହିତ ସେମାନଙ୍କ ଧାର୍ମିକ ଭାବନା ପ୍ରତି ମଧ୍ୟ ଆମକୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିବ। ଆଦିବାସୀ ଗ୍ରାମର ପୂଜକଙ୍କ ପାଇଁ ଭତ୍ତା ବ୍ୟବସ୍ଥା କରିବା ଓ ସେମାନଙ୍କ ପୂଜାସ୍ଥଳୀଗୁଡିକର ବିକାଶ ଓ ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ହେବ। ଏ ବିଷୟରେ ଅନୁଧ୍ୟାନ ଓ ଆଲୋଚନା କରି ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନିଆଯିବା ଜରୁରୀ- ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜନଜାତି ଉପଦେଷ୍ଟା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଜନଜାତି ଉପଦେଷ୍ଟା ମଣ୍ଡଳୀର ୧୮ ଜଣ ସଦସ୍ୟ ଉପସ୍ଥିତ ଥିଲେ। ରାଜ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଜନଜାତି କଲ୍ୟାଣ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସଂପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମପାଇଁ ଜନଜାତି ସମ୍ପ୍ରଦାୟ କେବଳ ଯୋଜନାର ହିତାଧିକାରୀ ନୁହନ୍ତି, ସେମାନେ ଆମ ପ୍ରଗତିରେ ସହଭାଗୀ।

ବୈଠକରେ ଆଦିବାସୀ ଅଞ୍ଚଳ ଗୁଡିକରେ ଇକୋ ଟୁରିଜିମ୍ ତ୍ୱରାନ୍ୱିତ କରାଯିବା ଓ ଟ୍ରାଇବାଲ ହୋମ ଷ୍ଟେ ବୃଦ୍ଧି କରାଯିବା ପାଇଁ ସୁପାରିସ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏସ୍‌ଟି ତାଲିକାରେ ରେକର୍ଡ ଅଫ୍ ରାଇଟ୍ସ ଉଭୟ ଓଡ଼ିଆ ଓ ଇଂରାଜୀରେ ଲେଖାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହିତ ଏସ୍‌ଟି ସମ୍ପ୍ରଦାୟରେ ଅଧିକ ବର୍ଗଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଏସ୍‌ସିଏସ୍‌ଟିଆର୍‌ଟିଆଇକୁ ସଠିକ ଅନୁଧ୍ୟାନ କରି ପରବର୍ତ୍ତୀ ଜନଜାତି ଉପଦେଷ୍ଟା ପରିଷଦକୁ ସୁପାରିଶ କରିବାପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ରାଜ୍ୟପାଳଙ୍କ ଅଫିସ୍‌ରୁ ଆସିଥିବା ପ୍ରସ୍ତାବଗୁଡିକୁ ମଧ୍ୟ ଅନୁଧ୍ୟାନ କରି ପରବର୍ତ୍ତୀ ଜନଜାତି ଉପଦେଷ୍ଟା ପରିଷଦ ବୈଠକରେ ଆଲୋଚନା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିଭଳି, ଇଣ୍ଟର୍ ଡିପାର୍ଟମେଣ୍ଟାଲ୍ କମିଟି ମାଧ୍ୟମରେ ପେସା ଅଧିନିୟମର ଓଡ଼ିଶାଭିତ୍ତିକ ନିୟମାବଳୀକୁ ସଠିକ ଅନୁଧ୍ୟାନ କରି ପରବର୍ତ୍ତୀ ଜନଜାତି ଉପଦେଷ୍ଟା ପରିଷଦ ବୈଠକକୁ ସୁପାରିସ କରିବାକୁ ନିଷ୍ପତ୍ତି ନିଆଯାଇଯାଇଛି। ଆହୁରି ମଧ୍ୟ ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ଏକଲବ୍ୟ ମଡେଲ୍ ଆବାସିକ ସ୍କୁଲ୍‌ଗୁଡିକରେ ବିଜ୍ଞାନ ସହିତ କଳା ଓ ବାଣିଜ୍ୟ ବିଷୟ ରଖିବା ପାଇଁ ସୁପାରିସ କରାଯାଇଛି। ବୈଠକରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କେନ୍ଦୁଝର ସାଂସଦ ଅନନ୍ତ ନାୟକ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀଙ୍କ ସହିତ କମିଟିର ସଦସ୍ୟ ଓ ବିଧାୟକବୃନ୍ଦ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଡଃ ପବିତ୍ର ମୋହନ ସାମଲ, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର କମିଶନର-ତଥା-ଶାସନ ସଚିବ ବି. ପରମେଶ୍ୱରନ୍,ପଞ୍ଚାୟତିରାଜ ବିଭାଗର ଶାସନ ସଚିବ ଗୀରିଶ ଏସ୍ ଏନ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶାର ୧୦୮ ଏସ୍‌ଇବିସି ସମ୍ପ୍ରଦାୟକୁ କେନ୍ଦ୍ରୀୟ ଓବିସି ତାଲିକାରେ ସାମିଲ ପାଇଁ ଅନୁରୋଧ

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶାର ବିଭିନ୍ନ ପଛୁଆ ସମ୍ପ୍ରଦାୟର ସ୍ୱାର୍ଥରକ୍ଷା ଏବଂ ସେମାନଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ଦିଗରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଓଡ଼ିଶା ସରକାରଙ୍କ ଦ୍ୱାରା ରାଜ୍ୟ ଏସ୍‌ଇବିସି ତାଲିକାରେ ସ୍ୱୀକୃତିପ୍ରାପ୍ତ ୧୦୮ଟି ସମ୍ପ୍ରଦାୟଙ୍କୁ କେନ୍ଦ୍ରୀୟ ଓବିସି ତାଲିକାରେ ସାମିଲ କରିବା ପାଇଁ ଶ୍ରୀ ପ୍ରଧାନ କେନ୍ଦ୍ର ସାମାଜି ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀ ଡା. ବୀରେନ୍ଦ୍ର କୁମାରଙ୍କୁ ପତ୍ର ଲେଖି ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି। ଶ୍ରୀ ପ୍ରଧାନ ନିଜ ପତ୍ରରେ ଦର୍ଶାଇଛନ୍ତି ଯେ ଏହି ସମ୍ପ୍ରଦାୟଗୁଡ଼ିକ ଓଡ଼ିଶା ସରକାରଙ୍କ ଦ୍ୱାରା ରାଜ୍ୟ ଏସଇବିସି ତାଲିକାରେ ମାନ୍ୟତା ପାଇଥିଲେ ମଧ୍ୟ କେନ୍ଦ୍ରୀୟ ତାଲିକାରେ ସ୍ଥାନ ପାଇନାହାନ୍ତି। ଏହି ଅସଙ୍ଗତି କାରଣରୁ ଏହି ବର୍ଗର ଲୋକମାନେ କେନ୍ଦ୍ର ସରକାରଙ୍କ ଚାକିରି, ଶିକ୍ଷାନୁଷ୍ଠାନରେ ନାମଲେଖା ତଥା ବିଭିନ୍ନ କଲ୍ୟାଣକାରୀ ଯୋଜନାର ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଓଡ଼ିଶାର ଜନସଂଖ୍ୟା ଅନୁସାରେ ଏସ୍‌ଇବିସି ବର୍ଗର ଲୋକଙ୍କ ସଂଖ୍ୟା ଅଧିକ। ଏହି ବର୍ଗର ଲୋକମାନଙ୍କୁ କେନ୍ଦ୍ରୀୟ ତାଲିକାରେ ଅନ୍ତର୍ଭୁକ୍ତ କରାଗଲେ ସେମାନଙ୍କୁ ସମାନ ଭାବେ ସର୍ବଭାରତୀୟ ସ୍ତରରେ ସ୍ଥାନ ସଂରକ୍ଷଣ ଓ କଲ୍ୟାଣକାରୀ ଯୋଜନାର ସୁବିଧା ମିଳିପାରିବ, ଯାହା ସେମାନଙ୍କର ଆର୍ଥିକ ଓ ଶିକ୍ଷାଗତ ଅଭିବୃଦ୍ଧିରେ ସହାୟକ ହେବ। ଶ୍ରୀ ପ୍ରଧାନ ତାଙ୍କ ପତ୍ରରେ ହି ୧୦୮ ସମ୍ପ୍ରଦାର ଏକ ସବିଶେଷ ତାଲିକା ମଧ୍ୟ ପ୍ରଦାନ କରିଛନ୍ତି। ଏଥିରେ ଖାୟତ, ପଧାନ, ଚଷା ପାଇକ, ମହାନି, ଗଉଡ଼, ବଣିଆ ଏବଂ ତେଲ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ। ପ୍ରକାଶ ଥାଉକି ଶ୍ରୀ ପ୍ରଧାନ ଏସ୍‌ଇବିସି ବର୍ଗର ଲୋକଙ୍କ କଲ୍ୟାଣ ପାଇଁ ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ପତ୍ର ଲେଖି ଓଡ଼ିଶା ପଛୁଆ ବର୍ଗ ଆୟୋଗ (ଓଏସ୍‌ସିବିସି)ର ପୁନର୍ଗଠନ ପାଇଁ ଅନୁରୋଧ କରିଥିଲେ।

## ୨୨ ମାଓବାଦୀଙ୍କ ଆତ୍ମସମର୍ପଣ

ଭୁବନେଶ୍ୱର,(ଜା.ପ୍ର): ପୁଲିସ ଡିଜି ୱାଇବି ଖୁରାନିଆଙ୍କ ଉପସ୍ଥିତିରେ ମାଲକାନାଗିରି ଜିଲ୍ଲା ପୁଲିସ୍ ନିକଟରେ ୨୨ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ଦୁଇଜଣ ଆନ୍ଧ୍ର-ଓଡ଼ିଶା ବୋର୍ଡ ଜୋନ୍ କମିଟିର ସଦସ୍ୟ ହୋଇଥିବା ବେଳେ ୨୦ ଜଣ ଦଣ୍ଡକାରଣ୍ୟ ସ୍ପେଶାଲ୍ ଜୋନାଲ୍ କମିଟିର ସଦସ୍ୟ। ଏମାନଙ୍କ ମଧ୍ୟରେ କୁଖ୍ୟାତ ମାଓ ନେତା ଡିସିଏମ୍ ଲିଙ୍ଗେ ମଧ୍ୟ ସାମିଲ। ବହୁ ବଡ଼ ବଡ଼ ମାଓ ହିଂସାକାଣ୍ଡରେ ଏମାନେ ସଂପୃକ୍ତ ଥିଲେ। ସେମାନଙ୍କ ନାମରେ ୨.୨୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ରାଶିର ପୁରସ୍କାର ଥିଲା। ଆତ୍ମସମର୍ପଣକାରୀ ମାଓବାଦୀମାନେ ୯ଟି ବନ୍ଧୁକ, ୧୪ଟି ଟିଫିନ ବୋମା, ଗୁଳି, ବିସ୍ଫୋରକ ସାମଗ୍ରୀ ଓ ଅନ୍ୟ ମାଓ ସାମଗ୍ରୀ ମଧ୍ୟ ପୁଲିସ ନିକଟରେ ସମର୍ପଣ କରିଛନ୍ତି। ଏହି ସମର୍ପଣ କାର୍ଯ୍ୟକ୍ରମରେ ପୁଲିସ ଡିଜିଙ୍କ ବ୍ୟତୀତ ଡିଆଇଜି କନ୍‌ୱର୍ ବିଶାଲ୍ ସିଂହ, ମାଲକାନଗିରି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସ୍‌ପି ବିନୋଦ ପାଟିଲ୍ ଏଚ୍ ଏବଂ ଅନ୍ୟ ପୁଲିସ୍ ଅଧିକାରୀ ଉପସ୍ଥିତ ଥିଲେ। ହିଂସାର ପଥ ଛାଡ଼ି ଆତ୍ମସମର୍ପଣ କରିଥିବାରୁ ସେମାନଙ୍କୁ ସରକାରୀ ସ୍ତରରେ ବିଭିନ୍ନ ସହାୟତା ପ୍ରଦାନ ସହିତ ଥଇଥାନ କରାଯିବ ବୋଲି ଡିଜି ଖୁରାନିଆ କହିଛନ୍ତି।

## ୧୧୧ କୋଟି ଟଙ୍କାରେ ୪୨୮ ନୂଆ ୧୦୮ ଆମ୍ବୁଲାନ୍ସ

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟର ସ୍ୱାସ୍ଥ୍ୟ ସେବାରେ ଆଉ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ୪୨୮ ନୂଆ ୧୦୮- ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଛି। ଏଥିରେ ୪୧୯ଟି ପୁରୁଣା ଆମ୍ବୁଲାନ୍ସ, ୨ ଦୁର୍ଘଟଣାରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଆମ୍ବୁଲାନ୍ସକୁ ପରିବର୍ତ୍ତନ କରାଯାଇ ନୂଆ ଆମ୍ବୁଲାନ୍ସ ବ୍ୟବହାର କରାଯିବ। କଳିଙ୍ଗ ଷ୍ଟାଡିୟମ୍‌ରେ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଥମ ପର୍ଯ୍ୟାୟରେ ୧୫୦ଟି ଆମ୍ବୁଲାନ୍ସର ଲୋକାର୍ପଣ କରିଛନ୍ତି। ବାଣିଜ୍ୟ ଏବଂ ପରିବହନ ବିଭାଗରେ ବିମାନବନ୍ଦର, ଏୟାର୍ ଷ୍ଟ୍ରିପ୍‌ରେ ବ୍ୟବହାର ପାଇଁ ୫ ଏଏଲ୍‌ସି ଆମ୍ବୁଲାନ୍ସ ଏବଂ ଝାରସୁଗୁଡ଼ା କାର୍ଡିଆକ୍ କେୟାର୍ ହସ୍ପିଟାଲ୍ ପାଇଁ ୨ ଏଏଲ୍‌ସି ଆମ୍ବୁଲାନ୍ସ ବ୍ୟବହାର କରାଯିବ। ରାଜ୍ୟରେ ଦୈନିକ ୫ ହଜାର ରୋଗୀଙ୍କୁ ୧୦୮-ଆମ୍ବୁଲାନ୍ସ ଜରିଆରେ ବିଭିନ୍ନ ହସ୍ପିଟାଲକୁ ନିଆଯାଉଛି। କାର୍ଯ୍ୟକ୍ରମରେ ଗଣମାଧ୍ୟମକୁ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ଜରୁରୀକାଳୀନ ଆମ୍ବୁଲାନ୍ସ ସେବାରେ ଅଧିକ ଉନ୍ନତି ଆଣିବା ପାଇଁ ପର୍ଯ୍ୟାୟକ୍ରମେ ପୁରୁଣା ଆମ୍ବୁଲାନ୍ସ ଗୁଡିକୁ ବଦଳାଯାଇ ନୂଆ ଆମ୍ବୁଲାନ୍ସ ଅଣାଯାଉଛି। ସ୍ୱାସ୍ଥ୍ୟ ସେବାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଆହୁରି ୧୦୮ ଇମାସ୍ ଆମ୍ବୁଲାନ୍ସ କ୍ରୟ କରାଯାଇଛି। ୪୨୮ ଆମ୍ବୁଲାନ୍ସ ପାଇଁ ରାଜ୍ୟ ସରକାର ୧୧୧ କୋଟି ଖର୍ଚ୍ଚ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୫୦ଟି ନୂତନ ଜରୁରୀକାଳୀନ ଆମ୍ବୁଲାନ୍ସକୁ ଓଡିଶାବାସୀଙ୍କ ନିମନ୍ତେ ଲୋକାର୍ପଣ କରାଯାଉଛି। ଅବଶିଷ୍ଟ ନୂତନ ଆମ୍ବୁଲାନ୍ସଗୁଡିକୁ ଖୁବ୍‌ଶୀଘ୍ର ଆମ୍ବୁଲାନ୍ସ ସେବାରେ ନିୟୋଜିତ କରାଯିବ। ତା ସହିତ ପୁରୁଣା ଜରୁରୀକାଳୀନ ଆମ୍ବୁଲାନ୍ସ ସର୍ଭିସ ଫ୍ଲିଟ୍‌କୁ ପରିବର୍ତ୍ତନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ସ୍ୱାସ୍ଥ୍ୟ ବିଭାଗୀୟ କମିଶନର ତଥା ସଚିବ ଅଶ୍ୱତୀ ଏସ, ଜାତୀୟ ସ୍ୱାସ୍ଥ୍ୟ ମିଶନର ମିଶନ ନିର୍ଦ୍ଦେଶିକା, ଓଡ଼ିଶା ଡଃ. ବୃନ୍ଦା ଡି ଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଏସ୍‌ସିବିରେ ହେବ ୧୭ ମହଲା ବିଶିଷ୍ଟ ପାର୍କିଂ

ଭୁବନେଶ୍ୱର,(ଜା.ପ୍ର): ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜରେ ୬.୫୧ ଏକର ପରିମିତ ଅଞ୍ଚଳରେ ୧୭ ମହଲା (ଏ+୧୬) ବିଶିଷ୍ଟ ଏକ ମଲ୍‌ଟି ଲେଭଲ୍ ପାର୍କିଂ ସୁବିଧା ବିକଶିତ କରାଯିବ। ପାର୍କିଂ ସୁବିଧା ଉଭୟ ଏସ୍‌ସିବି ଓ ଆଚାର୍ଯ୍ୟ ହରିହର କ୍ୟାନସର ହସ୍ପିଟାଲ୍‌କୁ ଆସୁଥିବା ରୋଗୀ ଓ ଆଟେଣ୍ଡାଣ୍ଟମାନେ ବ୍ୟବହାର କରିପାରିବେ। ଏହି ବିଲ୍‌ଡିଂରେ ୧୨ ମହଲା ପର୍ଯ୍ୟନ୍ତ ପାର୍କିଂ ସୁବିଧା ଏବଂ ଅବଶିଷ୍ଟ ମହଲା ଗୁଡିକରେ ପ୍ରଶାସନିକ ବ୍ଲକ୍, ଆନାଟୋମୀ ବ୍ଲକ୍, ବି. ଫାର୍ମା ଏବଂ ଡି. ଫାର୍ମା କଲେଜ୍ ଇତ୍ୟାଦି କାର୍ଯ୍ୟକ୍ଷମ ହେବ।

ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରି ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ପୁନଃବିକାଶ ହେବ। ରାଜ୍ୟର ସର୍ବବୃହତ ମେଡିକାଲ କଲେଜ ହିସାବରେ ଏଠାକୁ ପ୍ରତିଦିନ ହଜାର ହଜାର ରୋଗୀ ଓ ସେମାନଙ୍କର ସମ୍ପର୍କୀୟମାନେ ଆସିଥାନ୍ତି। ଏହି ମେଡିକାଲ କଲେଜକୁ ଏକ ବିଶ୍ୱସ୍ତରୀୟ ମେଡିକାଲ କଲେଜ ରୂପେ ବିକଶିତ କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ସେଥିପାଇଁ ଆବଶ୍ୟକୀୟ ପାର୍କିଂ ସୁବିଧା ଉପରେ ବୈଠକରେ ଆଲୋଚନା ହୋଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମେଡିକାଲ ଛାତ୍ରମାନଙ୍କୁ ଚାପମୁକ୍ତ ରଖିବା ପାଇଁ ଇଣ୍ଡୋର



ଗେମ୍, ସୁଇମିଂ ପୁଲ୍ ସୁବିଧା ମଧ୍ୟ ଉପଲବ୍ଧ କରାଯିବ। ସୂଚନାଯୋଗ୍ୟ ଯେ ଜାତୀୟ ଶିକ୍ଷାନୀତି ୨୦୨୦ରେ ପିଲାମାନଙ୍କୁ ଚାପମୁକ୍ତ ରଖିବା ପାଇଁ ବିଭିନ୍ନ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି। ଖୁବଶୀଘ୍ର ଡିପିଆର୍ ପ୍ରସ୍ତୁତ କରିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ସିବି ନିକଟରେ ୧୩ ଗୋଟି ହାଉସିଂ ଟାୱାର କାମ ନିର୍ମାଣଧୀନ ରହିଛି। ଯେଉଁଥିରେ ୬୭୨ଟି ଆବାସିକ ୟୁନିଟ୍ ଓ ୨,୨୪୪ ଛାତ୍ରଛାତ୍ରୀଙ୍କ ପାଇଁ ହଷ୍ଟେଲ ସୁବିଧା କରାଯାଉଛି। ଏହି ପ୍ରକଳ୍ପ ବିଷୟରେ ମୁଖ୍ୟମନ୍ତ୍ରୀ ସବିସ୍ତୃତ ଆଲୋଚନା କରି ଏହାର ନିର୍ମାଣକାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବ୍ରହ୍ମପୁର ଓ ବୁର୍ଲା ମେଡିକାଲ କଲେଜର ପୁନଃ ବିକାଶ କାର୍ଯ୍ୟ କରାଯିବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପାଣିକୋଇଲି ଟ୍ରମା କେୟାର ସେଣ୍ଟରକୁ ଖୁବଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ, ଏହାକୁ ପିପିପି ମୋଡ୍‌ରେ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ହସ୍ପିଟାଲ ପରିଚାଳନା କ୍ଷେତ୍ରରେ ଅଭିଜ୍ଞତା ଥିବା କେନ୍ଦ୍ର ସରକାରଙ୍କ ପି.ଏସ୍.ୟୁକୁ ଏକ୍ଷେତ୍ରରେ ପ୍ରାଥମିକତା ଦିଆଯାଉ, ଆବଶ୍ୟକସ୍ଥଳେ ଘରୋଇ କ୍ଷେତ୍ରକୁ ମଧ୍ୟ ଏଥିରେ ସାମିଲ କରିବା ପାଇଁ ସେ କହିଥିଲେ। ଏଥି ସହିତ ରାଜ୍ୟର କଟକ, ବ୍ରହ୍ମପୁର, ବୁର୍ଲା, ସୁନ୍ଦରଗଡ, କୋରାପୁଟ, ବାରିପଦା ଓ ବଲାଙ୍ଗିରରେ ଥିବା ସରକାରୀ ମେଡିକାଲ କଲେଜ୍ କ୍ୟାମ୍ପସ୍‌ରେ ଆଟେଣ୍ଡାଣ୍ଟଙ୍କ ପାଇଁ ବିଶ୍ରାମ ଗୃହ ନିର୍ମାଣ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍., ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକ ଡ. ବୃନ୍ଦା ଡି ଏବଂ ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଜାତୀୟ ଚେତନା
JATIYA CHETANA



## ‘ଓଡ଼ିଶାରେ ଡିଫେନ୍ସ ମାନୁଫାକ୍ଚରିଂ ଇକୋ-ସିଷ୍ଟମର ହେବ ବିକାଶ’



ଭୁବନେଶ୍ୱର,(ଜା.ପ୍ର):ଓଡ଼ିଶାର ଔଦ୍ୟୋଗିକ ବିକାଶ ହେବ। ରାଜ୍ୟକୁ ନିବେଶର ସୁଅ ଛୁଟିବ। ଶିଳ୍ପକ୍ଷେତ୍ରରେ ବ୍ୟାପକ ସମ୍ଭାବନା ଠାରୁ ଏହାର ବାସ୍ତବ ରୂପାୟନ ପର୍ଯ୍ୟନ୍ତ ଓଡ଼ିଶାର ଶିଳ୍ପ ଯାତ୍ରା ଖୁବ୍ ମଜବୁତ୍ ହୋଇଛି। ଶିଳ୍ପାୟନ କ୍ଷେତ୍ରରେ ଓଡ଼ିଶାର ସଫଳତାର ମୂଳରେ ରହିଛନ୍ତି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ତାଙ୍କ ‘ମିଡାସ୍ ଟଚ୍’ ବା ଯାଦୁକରୀ ସ୍ପର୍ଶ ହେଉଛି ଶିଳ୍ପାୟନରେ ଆମ ସଫଳ ଯାତ୍ରାର ବାସ୍ତବ ରହସ୍ୟ।’ ହାଇଦ୍ରାବାଦରେ ଆୟୋଜିତ ୨ ଦିନିଆ ଓଡ଼ିଶା ନିବେଶକ ସମ୍ମିଳନୀ ଓ ରୋଡ଼ଶୋରୁ ଫେରିବା ପରେ ଏଭଳି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। କେବଳ ସେତିକି ନୁହେଁ ଓଡ଼ିଶା ଭାରତର ସର୍ବବୃହତ ନିବେଶ କେନ୍ଦ୍ର ଭାବେ ପ୍ରତିଷ୍ଠା ହାସଲ କରିବ ବୋଲି ଦୃଢ଼ୋକ୍ତି ମଧ୍ୟ ପ୍ରକାଶ କହିଛନ୍ତି।

ହାଇଦ୍ରାବାଦ ଗସ୍ତରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଭୁବନେଶ୍ୱର ବିମାନ ବନ୍ଦର ଠାରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପର ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନାଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ହାଇଦ୍ରାବଦ ସମ୍ମିଳନୀରୁ ଏହା ସ୍ପଷ୍ଟ ହୋଇଛି ଯେ ନିବେଶକମାନଙ୍କ ଓଡ଼ିଶା ପ୍ରତି ଦୃଢ଼ ବିଶ୍ୱାସ ରହିଛି। ନିବେଶକମାନେ ବର୍ତ୍ତମାନ ଅନୁଭବ କରୁଛନ୍ତି ଯେ ଓଡ଼ିଶା ହେଉଛି ଆଗାମୀ ଦିନର ଭାରତର ଗ୍ରୋଥ୍ ଇଞ୍ଜିନ୍। ଦୁଇଦିନ ଧରି ବିଭିନ୍ନ ଶିଳ୍ପପତି ଓ ନିବେଶକମାନଙ୍କ ସହିତ ଆଲୋଚନା କରିବା ପରେ ଏହାର ଫଳାଫଳ ଅତ୍ୟନ୍ତ ଉତ୍ସାହଜନକ ବୋଲି ପ୍ରକାଶ କରି ‘ଏହି ଅଭିଜ୍ଞତା ମୋ ପାଇଁ ଖୁବ୍ ସନ୍ତୋଷଜନକ’ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ଏହି ଗସ୍ତରେ ମୁଖ୍ୟମନ୍ତ୍ରୀ ଏକ ବ୍ୟାପକ ନିବେଶ ଅଭିଯାନର ନେତୃତ୍ୱ ନେଇ ହାଇଦ୍ରାବାଦ୍ ଯାଇଥିଲେ। ଦୁଇ ଦିନ ବ୍ୟାପୀ ହୋଇଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାର ୭୩ଟି ଉଚ୍ଚସ୍ତରୀୟ ବୈଠକ ଏବଂ ୨ଟି କ୍ଷେତ୍ରୀୟ ରାଉଣ୍ଡଟେବୁଲ ଆଲୋଚନା କରିଥିଲେ। ପ୍ରଥମ ରାଉଣ୍ଡଟେବୁଲ ଆଲୋଚନା ଫାର୍ମାସେକ୍ଟର ଉପରେ ଆଧାରିତ ଥିଲା ଏବଂ ଆଠଟି ପ୍ରମୁଖ ଫାର୍ମା କମ୍ପାନୀ ସହିତ ଏହି ଆଲୋଚନା କରାଯାଇଥିଲା। ଦ୍ୱିତୀୟ ରାଉଣ୍ଡଟେବୁଲ ବୈଠକରେ ପ୍ରତିରକ୍ଷା କ୍ଷେତ୍ର ସମ୍ପର୍କିତ ୨୭ଟି କମ୍ପାନୀ ପ୍ରତିନିଧିଙ୍କ ସହିତ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଶିଳ୍ପାୟନ ପାଇଁ ଆମର ରୋଡ୍ ମ୍ୟାପରେ ଏକ ନୂଆ ମାଇଲ୍ ଷ୍ଟୋନ୍ ସ୍ଥାପନ ହେବାକୁ ଯାଉଛି। ଆସନ୍ତା ଜାନୁଆରୀ ୨୮ ଓ ୨୯ ତାରିଖରେ ରାଉରକେଲାରେ ଏଣ୍ଟରପ୍ରାଇଜ୍ ଓଡ଼ିଶା ଅନୁଷ୍ଠିତ ହେବ। ଏହା ସହିତ କୋଲକାତାରେ ମଧ୍ୟ ଏକ ଶିଳ୍ପ କନ୍‌କ୍ଲେଭ୍ ହେବାର ଯୋଜନା ରହିଛି। ଓଡ଼ିଶାରେ ନିବେଶକୁ ସହଜ ଓ ସରଳ କରିବା ପାଇଁ, ଇଜ୍ ଅଫ୍ ଡୁଇଙ୍ଗ ବିଜନେସ୍‌ରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ଆଇନ୍‌ରେ ପ୍ରାୟ ୨୩ଟି ସଂଶୋଧନ କରାଯାଉଛି। ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀମାନେ ହାଇଦ୍ରାବାଦରେ ଥିବା ପ୍ରତିରକ୍ଷା ଯନ୍ତ୍ରାଂଶ ନିର୍ମାଣ କ୍ଷେତ୍ରରେ ଏକ ଅଗ୍ରଣୀ କମ୍ପାନୀ ଭାରତ ଡାଇନାମିକ୍ସ ଲିମିଟେଡ୍ (ବିଡିଏଲ) ମଧ୍ୟ ଗସ୍ତ କରିଥିଲେ। ଭାରତର ପ୍ରତିରକ୍ଷା ଏବଂ ମହାକାଶ ଉତ୍ପାଦନ ଇକୋସିଷ୍ଟମ ସହିତ ଓଡ଼ିଶାର ସମ୍ପର୍କକୁ ଆହୁରି ଗଭୀର କରିବା ଥିଲା ଏହି ଗସ୍ତର ଲକ୍ଷ୍ୟ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶାରେ ମଧ୍ୟ ଡିଫେନ୍ସ ମାନୁଫାକ୍ଚରିଂ ଇକୋ-ସିଷ୍ଟମର ବିକାଶ କରାଯିବ। ଏଥିପାଇଁ ଏମ୍ଏସ୍ଏମ୍ଇ, ଷ୍ଟାର୍ଟଅପ୍, ଦକ୍ଷ ମାନବ ସମ୍ବଳ ଓ ପ୍ରିସିସନ୍ ମାନୁଫାକଚରିଂ ଉପରେ ଗୁରୁତ୍ୱ ଦିଆଯିବ। ଓଡ଼ିଶାରେ ମିଜାଇଲ୍ କମ୍ପୋନେଣ୍ଟ ନିର୍ମାଣ ଉପରେ ପ୍ରସ୍ତୁତି କରାଯାଉଛି ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଉତ୍କର୍ଷ ଓଡିଶା ୨୦୨୫ ପରଠାରୁ ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ୪,୩୮,୨୨୪ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର ହୋଇଛି ଏବଂ ଏହାଦ୍ୱାରା ୨,୫୫,୮୧୭ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ସେ ପୁଣି କହିଥିଲେ ଯେ ଗତ ୧୮ ମାସରେ ୨.୧୦ ଲକ୍ଷ କୋଟି ଟଙ୍କାର ଶିଳ୍ପପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯାଇଛି। ଏହାଦ୍ୱାରା ୧,୬୩,୭୨୫ଟି ନିଯୁକ୍ତି ସୁନିଶ୍ଚିତ ହୋଇପାରିଛି। ଏହି ସମୟ ମଧ୍ୟରେ ଓଡିଶାରେ ଫାର୍ମା କନ୍‌କ୍ଲେଭ୍, ଟେକ୍ସଟାଇଲ୍ କନ୍‌କ୍ଲେଭ୍ ଆଦି ବିଭିନ୍ନ କ୍ଷେତ୍ରୀୟ ଶିଳ୍ପର ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଦିଲ୍ଲୀରେ ଅନୁଷ୍ଠିତ ସେମିକନ୍ କନ୍‌କ୍ଲେଭ୍‌ରେ ଓଡ଼ିଶା ଦୁଇଟି ଏମ୍ଓୟୁ କରିଥିଲା। ତେଣୁ, ଶିଳ୍ପାୟନ ପାଇଁ ନିୟମିତ ଭାବରେ ଆମର ଫୋକସ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଔଷଧ, ପ୍ରତିରକ୍ଷା, ଇଲେକ୍ଟ୍ରୋନିକ୍ସ, ନବୀକରଣୀୟ ଶକ୍ତି, ଆଇଟି, ବୟନଶିଳ୍ପ ଏବଂ ଉନ୍ନତ ଉତ୍ପାଦନ କ୍ଷେତ୍ରରେ ନିବେଶକ ମାନଙ୍କ ପ୍ରବଳ ଆଗ୍ରହ ଦେଖିବାକୁ ମିଳିଛି। ଏହା ଏକ ବହୁମୁଖୀ, ମୂଲ୍ୟଯୁକ୍ତ ଓ ନିଯୁକ୍ତି-ସୃଷ୍ଟିକାରୀ ଶିଳ୍ପ ଅର୍ଥନୀତି ଆଡ଼କୁ ଓଡ଼ିଶାର ପରିବର୍ତ୍ତନକୁ ପ୍ରତିଫଳିତ କରୁଛି ବୋଲି ସେ କହିଥିଲେ।ଏହି ଗସ୍ତର ସାରାଂଶକୁ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶିଳ୍ପ ଅଭିବୃଦ୍ଧି ପାଇଁ ଓଡ଼ିଶାର ମୂଳମନ୍ତ୍ର ହେଉଛି ଭରସା, ନିରନ୍ତର ପ୍ରୟାସ ଏବଂ ଦୀର୍ଘସ୍ଥାୟୀ ସହଭାଗିତା। ଏହି ସାମ୍ବାଦିକ ସମ୍ମିଳନୀ ସମୟରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଏମ୍ଏସ୍ଏମ୍ଇ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ, ଶାସକ ଦଳର ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଧାୟକଗଣ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଶିଳ୍ପ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଓଏସ୍‌ସିବିସିର ତୁରନ୍ତ ପୁନର୍ଗଠନ କରାଯାଉ

ଭୁବନେଶ୍ୱର,(ଜା.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି। ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗ (ଓଏସସିବିସି)ର ତୁରନ୍ତ ପୁନର୍ଗଠନ ପାଇଁ ଚିଠିରେ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି। ସାମାଜିକ ନ୍ୟାୟ ପ୍ରଦାନ ଏବଂ ପଛୁଆ ବର୍ଗର ଲୋକଙ୍କ ଆଶା ଆକାଂକ୍ଷା ପୂରଣ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ସେ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି । ଶ୍ରୀ ପ୍ରଧାନ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗଙ୍କ କାର୍ଯ୍ୟକାଳ ୨୦୨୪ ଜାନୁଆରୀ ୩ରେ ଶେଷ ହୋଇସାରିଛି ଏବଂ ନୂତନ ସଦସ୍ୟ ନିଯୁକ୍ତ ହୋଇ ନଥିବାରୁ ଏହା ବର୍ତ୍ତମାନ କାର୍ଯ୍ୟକ୍ଷମ ନାହିଁ। ଓଡ଼ିଶା ରାଜ୍ୟର ଜନସଂଖ୍ୟାର ଏକ ପ୍ରମୁଖ ଅଂଶ ଭାବେ ପ୍ରାୟ ୨୧୬ଟି ସାମାଜିକ ଏବଂ ଶିକ୍ଷାଗତ ପଛୁଆ ବର୍ଗ (ଏସଇବିସି) ସମୁଦାୟ ଓଡ଼ିଶାରେ ବସବାସ କରୁଛନ୍ତି। ଆୟୋଗ କାର୍ଯ୍ୟକ୍ଷମ ନଥିବାରୁ ଏହି ବର୍ଗର ଲୋକମାନେ ଶିକ୍ଷା, ନିଯୁକ୍ତି ଏବଂ କଲ୍ୟାଣକାରୀ ଯୋଜନାର ସୁଫଳ ପାଇବାରେ ବହୁବିଧ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ନିଜର ସମସ୍ୟା ଉପସ୍ଥାପନ କରିବା ପାଇଁ ସେମାନେ ଏକ ସାମ୍ବିଧାନିକ ମଞ୍ଚରୁ ବଞ୍ଚିତ ହେଉଛନ୍ତି।

ନୂତନ ଜାତିକୁ ଏସ୍ଇବିସି ତାଲିକାରେ ଅନ୍ତର୍ଭୁକ୍ତ କରିବା, ଅଭିଯୋଗର ସମାଧାନ କରିବା ଏବଂ ପଛୁଆ ବର୍ଗଙ୍କ ପାଇଁ ସରକାରଙ୍କୁ ନୀତିଗତ ପରାମର୍ଶ ଦେବାରେ ଓଏସସିବିସିଙ୍କ ମୁଖ୍ୟ ଭୂମିକା ରହିଛି। ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗ (ସଂଶୋଧନ) ଅଧିନିୟମ, ୨୦୨୦ ଅନୁଯାୟୀ, ଏହି କମିଶନଙ୍କୁ ପଛୁଆ ବର୍ଗଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ଉପରେ ସର୍ଭେ କରିବାର ଦାୟିତ୍ୱ ମଧ୍ୟ ଦିଆଯାଇଛି। ତେଣୁ ରାଜ୍ୟରେ ସାମାଜିକ ନ୍ୟାୟର ପ୍ରତିଷ୍ଠା ଏବଂ ପଛୁଆ ବର୍ଗଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ କମିଶନର ଶୀଘ୍ର ପୁନର୍ଗଠନ ଏକାନ୍ତ ଆବଶ୍ୟକ। ରାଜ୍ୟର ପଛୁଆ ବର୍ଗର ହିତକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏଥିରେ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରି ଆୟୋଗର ପୁନର୍ଗଠନ କରିବାକୁ ଶ୍ରୀ ପ୍ରଧାନ ନିବେଦନ କରିଛନ୍ତି।

## ଗଠନ ହେବ ୨୪ ନୂଆ ଏନ୍‌ଏସି ଓ ୫ ପୌର ପରିଷଦ

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟରେ ଗଠନ ହେବ ଆଉ ୨୪ଟି ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି) ଏବଂ ୫ଟି ପୌର ପରିଷଦ। ଏ ନେଇ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୪ଟି ଜିଲ୍ଲାରେ ୨୪ଟି ଏନଏସି ଗଠନ ହେବାକୁ ଥିବାବେଳେ ୩ଟି ଜିଲ୍ଲାରେ ପୌର ପରିଷଦ ଗଠନ ହେବ। ବିଜ୍ଞପ୍ତି ଅନୁସାରେ, ନୂଆ ଏନ୍ଏସିଗୁଡ଼ିକ ହେଉଛି ଅନୁଗୁଳ ଜିଲ୍ଲାର ପାଲଲହଡ଼ା, ବାଲେଶ୍ୱରର ସିମୁଳିଆ, ବରଗଡ଼ର ସୋହେଲା, ଭଦ୍ରକର ତିହିଡ଼ି ଓ ଧୁଷୁରୀ, କଟକ ଜିଲ୍ଲାର ସାଲେପୁର, ବଡ଼ମ୍ବା ଓ ନରସିଂହପୁର, ଢେଙ୍କାନାଳର ଗଁଦିଆ, ଗଞ୍ଜାମର ଜଗନ୍ନାଥପ୍ରସାଦ ଓ ପାତ୍ରପୁର, କଳାହାଣ୍ଡିର ନର୍ଲା ଓ ଜୟପାଟଣା, ଖୋର୍ଦ୍ଧାର ଟାଙ୍ଗୀ, କୋରାପୁଟର ବୋରିଗୁମ୍ମା, ମୟୂରଭଞ୍ଜର ବେତନଟୀ, ବାଙ୍ଗିରିପୋଷି, ଚିତ୍ରଡ଼ା, କପ୍ତିପଦା ଓ ରାସଗୋବିନ୍ଦପୁର, ରାୟଗଡ଼ାର ବିଷମକଟକ, ସମ୍ବଲପୁରର ବାମରା ଓ ରେଙ୍ଗାଲି ଏବଂ ସୁବର୍ଣ୍ଣପୁରର ବୀରମହାରାଜପୁର। ସେହିପରି ନୂଆ ପୌର ପରିଷଦଗୁଡ଼ିକ ହେଉଛି ବୌଦ୍ଧ ଜିଲ୍ଲାର ବୌଦ୍ଧଗଡ଼ ଓ ଭଞ୍ଜନଗର, ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟନଗର ଓ ପୋଲସରା ଏବଂ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ।

## ପୂରଣ ହେଉନି ସ୍ୱଳ୍ପ ସଞ୍ଚୟ ଲକ୍ଷ୍ୟ

ଭୁବନେଶ୍ୱର,(ଜା.ପ୍ର): ସମସ୍ତ ପ୍ରକାର ପ୍ରଚାର ପ୍ରସାର ସତ୍ତ୍ୱେ ସ୍ୱଳ୍ପ ସଞ୍ଚୟ ଯୋଜନାରେ ଅର୍ଥ ବିନିଯୋଗ ପାଇଁ ଲୋକେ ରାଜି ହେଉନାହାନ୍ତି। ଗତ ଆର୍ଥିକ ବର୍ଷରେ ସ୍ୱଳ୍ପ ସଞ୍ଚୟ ଯୋଜନା ଜରିଆରେ ରାଜ୍ୟ ସରକାର ୧୧,୦୦୦ କୋଟି ଟଙ୍କା ସଂଗ୍ରହ କରିବେ ବୋଲି ଲକ୍ଷ୍ୟ ରଖିଥିବାବେଳେ ସଂଗ୍ରହ ପରିମାଣ ୧୦ହଜାର କୋଟି ଟଙ୍କାକୁ ଟପିପାରି ନାହିଁ। ଗତ ବର୍ଷ ଯେଉଁ ୧୧ହଜାର କୋଟିର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ସେଥିରେ ସର୍ବାଧିକ ୧୨୬୦ କୋଟି ଟଙ୍କା ଗଞ୍ଜାମରୁ ଥିଲା। ହେଲେ ଗଞ୍ଜାମରୁ ସଂଗ୍ରହ ହୋଇଛି ୧୦୭୩ କୋଟି ୩୩ଲକ୍ଷ ଟଙ୍କା। ସେହିଭଳି ଦ୍ୱିତୀୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା ହୋଇଥିଲା ଖୋର୍ଦ୍ଧାରୁ। ଖୋର୍ଦ୍ଧାରୁ ୧୨୨୯ କୋଟି ଟଙ୍କା ସଂଗ୍ରହର ଲକ୍ଷ୍ୟ ଥିବାବେଳେ ଆସିଥିବା ୧୦୦୯କୋଟି ୨୦ଲକ୍ଷ ଟଙ୍କା। ସେହିଭଳି କଟକ ପାଇଁ ୯୪୨ କୋଟିର ଲକ୍ଷ୍ୟ ଥିବବେଳେ ସଂଗ୍ରହ ଅର୍ଥ ପରିମାଣ ୮୩୨.୮୩ କୋଟି ଟଙ୍କାରେ ସୀମିତ ରହିଥିଲା। କେନ୍ଦ୍ରାପଡ଼ାରୁ ୪୦୪କୋଟି ସ୍ଥାନରେ ୩୭୫.୯୪ କୋଟି, ଯାଜପୁରରେ ୫୪୪ କୋଟି ସ୍ଥାନରେ ୫୨୮.୯୧କୋଟି, ଜଗତ୍‌ସିଂହପୁରରେ ୪୫୭ କୋଟି ସ୍ଥାନରେ ୩୭୫.୪୩ କୋଟି ଟଙ୍କା ସଂଗ୍ରହ କରାଯାଇଥିଲା। ଭଦ୍ରକରେ ୫୧୩କୋଟି ଟଙ୍କା ସ୍ଥାନରେ ୪୫୫.୩୧କୋଟି ସଂଗ୍ରହ ହୋଇଥିବାବେଳେ ବାଲେଶ୍ୱରରେ ଏହି ପରିମାଣ ୬୪୭ କୋଟି ସ୍ଥାନରେ ୫୭୫.୪୪ କୋଟି ଟଙ୍କା ସଂଗ୍ରହ ହୋଇଥିଲା। ଲୋକେ କିଭଳି ସ୍ୱଳ୍ପ ସଞ୍ଚୟ ଯୋଜନା ପ୍ରତି ଆକୃଷ୍ଟ ହେବେ ସେଥିପାଇଁ ସେମାନଙ୍କ ମଧ୍ୟରେ ସଞ୍ଚୟ ମନୋଭାବ ସୃଷ୍ଟି କରିବା, ସଞ୍ଚୟକୁ ଏକ ଅଭ୍ୟାସରେ ପରିଣତ କରିବା, ମିତବ୍ୟୟୀ ହୋଇ ଏକ ସ୍ୱଚ୍ଛଳ ଓ ଆର୍ଥିକ ଦୃଷ୍ଟି କୋଣରୁ ସୁରକ୍ଷିତ ଭବିଷ୍ୟତ ଜୀବନ ନିଶ୍ଚିତ କରିବାପାଇଁ କୁହାଯାଉଛି। ସ୍ୱଳ୍ପ ସଞ୍ଚୟ ଯୋଜନାରେ ନିୟୋଜିତ ଏଜେଣ୍ଟମାନେ ଲୋକମାନଙ୍କ ନିକଟକୁ ଯାଇ ସେମାନଙ୍କୁ ପ୍ରବର୍ତ୍ତାଇବା ସହିତ ପାଣ୍ଠି ସଂଗ୍ରହ କରୁଛନ୍ତି। ଏ କ୍ଷେତ୍ରରେ ୧୦ହଜାର ଯୁବକ ଯୁବତୀଙ୍କୁ କର୍ମସଂସ୍ଥାନ ଯୋଗାଇ ଦିଆଯାଇ ପାରିଛି। ଏଥିରେ ପାଇବାକୁ ଥିବା କମିଶନ ଅର୍ଥ କେନ୍ଦ୍ର ସରକାର ବହନ କରୁଥିବାରୁ ରାଜ୍ୟ ସରକାରଙ୍କୁ ଏ ବାଦରେ ଅର୍ଥ ଖର୍ଚ୍ଚ କରିବାକୁ ପଡିବ ନାହିଁ। ଗାଁ ଗହଳର ଲୋକଙ୍କୁ ଚିଟ୍‌ଫଣ୍ଡ ଓ ଅନ୍ୟାନ୍ୟ ବେଆଇନ୍ ଅର୍ଥ କାରବାର ଠାରୁ ଦୂରେଇ ରଖିବା ପାଇଁ ସରକାର ଏହି ଯୋଜନା ମାଧ୍ୟମରେ ଗୁରୁତ୍ୱ ଦେଉଥିବାବେଳେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ନହେବା ଏବେ କର୍ତ୍ତୃପକ୍ଷଙ୍କୁ ଚିନ୍ତାରେ ପକାଇଛି।

## କ୍ଷୁଦ୍ର ଚିଟ୍‌ଫଣ୍ଡ ଜମାକାରୀଙ୍କୁ ମିଳିବ ଟଙ୍କା

ଭୁବନେଶ୍ୱର,(ଜା.ପ୍ର): ଟଙ୍କା ଫେରସ୍ତ ପାଇବେ କ୍ଷୁଦ୍ର ଚିଟ୍ ଫଣ୍ଡ୍ ଜମାକାରୀ। ଚିଟ୍ ଫଣ୍ଡ ଟଙ୍କା ଫେରସ୍ତକୁ ନେଇ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଥିବାବେଳେ ଏନେଇ ଅର୍ଥ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାର ସୁଯୋଗ ନେବାକୁ ସମସ୍ତ ଆବେଦନକାରୀଙ୍କୁ ଅନୁରୋଧ କରାଯାଇଛି। ଆସନ୍ତା ୨୦୨୬ ଜାନୁଆରୀ ୩୧ ଯାଏ ଟଙ୍କା ଫେରସ୍ତ ପ୍ରକ୍ରିୟା ଚାଲିବ। ତଦନ୍ତ କମିଶନ ସୁପାରିଶ କରିଥିବା ଓ ଫେରସ୍ତ ପାଇନଥିବା କ୍ଷୁଦ୍ର ଜମାକାରୀ ଏହି ସୁଯୋଗର ଲାଭ ଉଠାଇପାରିବେ।୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା ଜମାକାରୀ ଟଙ୍କା ଫେରି ପାଇବେ। ଏହାଛଡ଼ା ୮ ହଜାର ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା ଗୋଲ୍ଡେନ ଲ୍ୟାଣ୍ଡ ଡେଭଲପର୍ସ କମ୍ପାନୀ ସମୂହର ପ୍ରଥମ ପର୍ଯ୍ୟାୟରେ ଫେରସ୍ତ ପାଇନଥିବା ସମସ୍ତ କ୍ଷୁଦ୍ର ଜମାକାରୀ ଉପକୃତ ହେବେ। ଜମାକାରୀମାନେ ଆବଶ୍ୟକୀୟ କାଗଜପତ୍ର ସହିତ ଆରଆଇଙ୍କ ନିକଟରେ ଆବେଦନ କଲେ ୧୫ ଦିନ ମଧ୍ୟରେ ସେମାନଙ୍କ ଜମା ରାଶି ଫେରି ପାଇବେ। ଏଥିପାଇଁ ଆଧାର କାର୍ଡ, ଭୋଟର କାର୍ଡ, ଡିଏଲ, ପାନ କାର୍ଡ, ମୂଳ ଜମା ରସିଦ, ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ଇତ୍ୟାଦି ଦାଖଲ କରିବାକୁ ହେବ। http://opid.odisha.gov.in ୱେବ୍‌ସାଇଟରେ ଜମାକାରୀଙ୍କ ତଥ୍ୟ ଉପଲବ୍ଧ ରହିଛି। ଜିଲ୍ଲା ସରକାରୀ ୱେବସାଇଟ୍‌ରେ ଫେରସ୍ତ ପାଇନଥିବା ଜମାକାରୀଙ୍କ ତାଲିକା ରହିଛି। କମ୍ପାନୀ ଆପ୍ଲିକେସନ୍ ନମ୍ବର ଦେଇ ଏହି ୱେବସାଇଟ୍‌ରେ ଆବେଦନ ପତ୍ରର ସ୍ଥିତି ସମ୍ପର୍କରେ ଯାଞ୍ଚ କରିପାରିବେ। କ୍ଷୁଦ୍ର ଚିଟ୍ ଫଣ୍ଡ ଜମାକାରୀ ଅଧିକ ସୂଚନା ପାଇଁ ରାଜ୍ୟ ସରକାର ଜାରି କରିଥିବା ୦୬୭୪-୨୩୯୫୧୫୩ ନଂରେ ଯୋଗାଯୋଗ କରିପାରିବେ।

## ମହାନଦୀ ଜଳବିବାଦର ସମାଧାନ ପାଇଁ ତତ୍ପରତା

ଭୁବନେଶ୍ୱର,(ଜା.ପ୍ର): ମହାନଦୀ ଆନ୍ତଃରାଜ୍ୟ ଜଳ ସମସ୍ୟାର ସମାଧାନ ପାଇଁ ତତ୍ପରତା ପ୍ରକାଶ ପାଇଛି। ଏ ନେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଜଳସମ୍ପଦ ବିଭାଗର ରାଜୀବ ଭବନରେ ଆନ୍ତଃ-ମନ୍ତ୍ରିସ୍ତରୀୟ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସମେତ ବିଧାୟକ ସରୋଜ କୁମାର ପ୍ରଧାନ, ନିରଞ୍ଜନ ପୂଜାରୀ ଏବଂ ସୋଫିଆ ଫିରଦୌସ ଯୋଗ ଦେଇଥିଲେ। ବିଧାୟକ ଜୟନାରାୟଣ ମିଶ୍ର ଆଭାଷୀ ମାଧ୍ୟମରେ ବୈଠକରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ସହିତ ବିଭାଗୀୟ ଅଧିକାରୀ ଏବଂ ଜଳ ସମ୍ପଦ ବିଭାଗର ଅଧିକାରୀ ଓ ଯନ୍ତ୍ରୀମାନେ ମଧ୍ୟ କମିଟିକୁ ଆବଶ୍ୟକୀୟ ସୂଚନା ଦେବା ପାଇଁ ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ହୀରାକୁଦ ପ୍ରକଳ୍ପ, ମହାନଦୀ ଜଳ ବିବାଦର ଐତିହାସିକ ପୃଷ୍ଠଭୂମି, ମାନ୍ୟବର ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ୍‌ଙ୍କ ସମ୍ମୁଖରେ କାର୍ଯ୍ୟର ବର୍ତ୍ତମାନର ସ୍ଥିତି, ମହାନଦୀ-ସମ୍ବନ୍ଧୀୟ ସମସ୍ୟାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ ପ୍ରକ୍ରିୟା ଉପରେ ପ୍ରାରମ୍ଭିକ ଆଲୋଚନା ହୋଇଥିଲା।

ଜାତୀୟ ଚେତନା
JATIYA CHETANA



## ସ୍ୱାଗତ ନୂଆ ବରଷ



ବିଦାୟ ଦେଉଛି ପୁରୁଣା ବର୍ଷକୁ
ଫଗୁଣ ବସନ୍ତ ପରି
ସ୍ୱାଗତ କରୁଛି ନବୀନ ଉଷାକୁ
ସୁନେଲି କିରଣ ପରି।
ପୁରୁଣା ବରଷ ଯନ୍ତ୍ରଣା ଦାୟକ
ନିଦାଘର ଖରା ପରି
କହିହୁଏ ନାହିଁ ସହିହୁଏ ନାହିଁ
ଶୀତର କାକର ପରି।
ଆସୁଥିଲା ମାଡ଼ି କାଳ ବଇଶାଖୀ
ସୁନାମୀ କରୋନା ପରି
ଜୀବନର ପଥେ ହେଉଥିଲା ସାକ୍ଷୀ
ସାଗରର ଢ଼େଉ ପରି।
ଚିହ୍ନା ମୁହଁ ସବୁ ଅଚିହ୍ନା ଲାଗନ୍ତି
ବଣର ମାଳତୀ ପରି
ସବୁରି ମନରୁ ଭୁଲି ତ ଯାଆନ୍ତି
ଜୀବନଟା ମରୁ ପରି।
ପୁରୁଣା ବରଷ ଜୀବନେ ସତେକି
ଥିଲା ଏକ ଶାପ ପରି
ନୂଆ ବରଷର ସ୍ୱାଗତ ପାଇଁ କି
ଥିଲା ବୋଧେ ଝଡ଼ ପରି।
କ୍ଷଣେକ୍ଷଣେ ପୁଣି କରୁଥିଲା ଜାତ
ଦୁଃଖର ଫଲଗୁ ପରି
ହୃଦୟ କନ୍ଦର କରୁଥିଲା ଶୁଦ୍ଧ
ହେବାକୁ ସ୍ଫଟିକ ପରି।
ସେଥିପାଇଁ ମନେ ନଥିଲା ତ ଶୋକ
ମନେଭାବି କୃପା ପରି
ମାଆଙ୍କ ଆଶିଷ ପଡୁଥିଲା ଝରି
ଅଜାଣନ୍ତେ ବର୍ଷା ପରି।
ନୂଆ ବରଷଟା ସୁଖମୟ ହେଉ
ରହିଛି ଚାତକ ପରି
ନୂଆ ସକାଳଟା ମଧୁମୟ ହେଉ
ନାଚିବି ମୟୂର ପରି।

**ଛବିଳ କୁମାର ସାହୁ**
କଳା ଶିକ୍ଷକ, କୁଣ୍ଡାପିଠା ଉଚ୍ଚ
ବିଦ୍ୟାଳୟ, କୁଣ୍ଡାପିଠା
ଦେବଗଡ଼
ମୋ-୯୯୩୮୦୯୯୪୯୬

## ହୃଦୟ



ହୃଦୟରେ ମୋର ଏତେ ଯେ
ଗୋଲାପ
ବାସ୍ନାରେ ହୁଏ ଅଶିଣର କ୍ଷେତ
ପର୍ଯ୍ୟାପ୍ତ ଧାନ ଗଛର
ଲହରୀକୁ ଦେଖ
ତୁମେ ମୋ ପ୍ରେମରେ ହେବ ଯେ
ଭ୍ରମିତ।
ହୃଦୟଟା ମହମହ ମମତା ରୋଶଣି
କେବେ ଗହଗହ ଲୋକାରଣ୍ୟ
କେବେ ପୁଣି ପ୍ରତିଶୋଧ ପରାୟଣୀ
ତ କେବେ କଣ୍ଟକିନୀ ।
ହୃଦୟଟା ମରୁଦ୍ୟାନ
ସରୁ ଝରଣାର ଶବ୍ଦାୟିତ ଛନ୍ଦ
ନୀରବଧି ପ୍ରେମର ଆହ୍ୱାନ ସିଏ
କେଡ଼େ ଶାନ୍ତିପ୍ରଦ ।
ହୃଦୟଟା ମୋର ସାଗରର
ବେଳାଭୂମି
ପାଦ ଚିହ୍ନ ଆଙ୍କୁଛି ଧୋଉଛି
ସ୍ମୃତିର କୋଣାର୍କ ଖୋଜି
ଭଙ୍ଗା ମୁଣ୍ଡକୁ ପିଟୁଛି ।
ଇଛା ସବୁ କଢ଼ ପରି
ଫୁଟିବ ଫୁଟିବ ହେଉଛି
କେତେବେଳେ ତାହା ମଉଳି ଯାଇ
କି
ପାଖୁଡ଼ା ବି ଝଡ଼ିପଡୁଛି ।
ହୃଦୟ ତ ଠିକ୍ ଜାଣିକି ବି ଲୋକେ
ଆଡ଼େଇ ଦିଅନ୍ତି ତାକୁ
ମନ ତ ଭୁଲ୍ ଜାଣିକି ଲୋକେ
ମାଗିକି ଆଣନ୍ତି ପାଖକୁ ।

**ସୁଶ୍ରୀ ରୋଜାଲିନ ପ୍ରଧାନ**
ଠେଲକୋନାଳୀ, ନାକଚି, ଅନୁଗୁଳ

## ସପ୍ତଧାରା

ଗିରି ବନ ପଥ ଅତିକ୍ରାନ୍ତ କରି
ସାତ ଧାରା ମିଶି ଏକ ।
ସ୍ରୋତସ୍ୱିନୀ ହୋଇ ବହି ଚାଲି ଯାଉ
କୁଳୁକୁଳୁ ହସି ନାଦେ ।
ଅପନ୍ତରା ପଥ ବନ୍ଧୁର ପଥର
ବାଧା ନ ପାରଇ ଦେଇ ।
ପାଦପ ପଥର ପଥରେ ଭେଟିଲେ
ଆନନ୍ଦେ ବିଭୋର ହୋଇ ।
ମାଲ୍ୟବନ୍ତଗିରି ଶିଖରୁ ଛୁଟିଛୁ
ସବୁଜ ବନାନୀ ଡେଇଁ ।
ମନଲାଖି ଯାଏ କ୍ଷଣିକେ ତୋଠାରେ
ତୋ ଦୃଶ୍ୟ ଦେଖିବା ପାଇଁ ।
ମାଲକାନଗିରି ଗୋବିନ୍ଦପାଲିର
ଘାଟିରୁ ଆସିଛୁ ବହି ।
ତୋର ସାତଧାରେ ଖଞ୍ଜି ସାତସ୍ୱର
ଜଙ୍ଗଲେ ଗାଉ ସଙ୍ଗୀତ ।
ପଥଚାରୀଙ୍କର ମନ କିଣିନେଉ
ଅଟକି ଯାଆନ୍ତି ମିତ ।
ତୋ ଦୁର୍ଲଭ ଦୃଶ୍ୟ ଦେଖି ବିମୋହିତ
ହୁଅଇ ସାରା ଜଗତ ।
ତୁ ଏକା ଜଗତେ ମାଳ ମାଳ ଗିରି
ମାଲକାନଗିରି ପାଇଁ ।
ଶୋଭାର ପ୍ରତୀକ ଦେଶେ ପରିଚିତ
ତୋଠାରେ କୃତଜ୍ଞ ମୁହିଁ ।

**ଦିଗମ୍ବର ବେହେରା**
କୁମୁଟିଗୁଡ଼ା, ମାଲକାନଗିରି
ପିନ୍: ୭୬୪୦୪୫
ମୋ- ୯୭୭୬୪୫୬୪୮୭

## ତଲେଇ ଓ ଆହୁଲା





**ସୁନନ୍ଦା ମହାନ୍ତି**

ବାରିପଟେ ଘାସ ବାଛିବା ଅଭ୍ୟାସ ନିତେଇର ଘାସ ବାଛି ମାଟି ହାଣି ପରିବା ଚାଷ ତାର ଏବେ ଜୀବନ, ଜୀବିକା ଓ ବେଉସା। ଘାସ ବାଛୁ ବାଛୁ ଚାହେଁ ଆକାଶକୁ ନିତେଇ ଓ ଭାବେ ଏ ଆକାଶ, ମାଟି ଓ ମାଟି ଉପରେ ଥିବା ନଈ, ନାଳ ଓ ହ୍ରଦ ମଧ୍ୟ କ'ଣ କାହାର ନା କାହାର ନାମରେ କେହି କରିଦେଇଛି ନା କ'ଣ ! ପରିବା ଚାଷ କରି ତାହା ବଜାରରେ ଯୋଉ ଜାଗାରେ ଗଦେଇ ବିକ୍ରି କରି ଚଳି ଯାଉଥିଲା ସେଠି ପୋଲିସ ବାବୁ ପହଁଞ୍ଚି କହିଲା ଏ ଜାଗାରେ ବେପାର କରିବା ସୂତ୍ର ତତେ ଜଣାନାହିଁ, ଯା ଯା ଭାଗ ଏଠୁ। କହିଲା ତ କହିଲା ଜିପ ପଛପଟେ ପରିବା ବସ୍ତା ଲଦି ଗଲାବେଳେ ସେ ଭରଷି ପଚାରି ପାରିଲା ନାହିଁ କି ଆଉ ଯୋଉ ସବୁ ବେପାରୀ ତାଙ୍କ ଭଳି ଚିଜ ଧରି ଏଠି ଭିନ୍ନ ଭିନ୍ନ ବେପାର କରୁଛନ୍ତି ସେମାନେ କ'ଣ ଏ ଯାଗା କିଣିନେଇଛନ୍ତି ? ସେତେବେଳେ ନିତେଇର ବାପା କଥା ମନେପକେଇ ସେ ପଚାରିପାରିଲାନି ସେକଥା। କାରଣ ବାପା ମରିବା ପୂର୍ବରୁ କହିଯାଇଛି ପୁଅରେ ବୋକା ବୋଲି କାହା ଆଗରେ ନିଜକୁ ପ୍ରଣାମ କରିବୁନି ବରଂ ବୁଝି ନ ପାରିଲେ ଦୂରେଇ ଯିବୁ ତ ବାପାଙ୍କର ପୁରୁଣା ମାଛ ମରା ଜାଲ କାଢ଼ି ସେ ମାଛ ଧରିଲା ନାଳରୁ। କିନ୍ତୁ ଏଯାଏଁ ଜାଣିଥିବା ସେ ସର୍ବସାଧାରଣ ନାଳଟା ମଧ୍ୟ କେବେଠୁ ସେ ମୋଟା ଲୋକ କବ୍‌ଜାକୁ ଆସିଥିଲା ସେ ବୁଝିନପାରିବା ବେଳେ ଦେଖିଥିଲା ତା' ପରି ଅନେକ ସେଠାରେ ମାଛ ମାରି ସାରି ମୋଟା ପେଟୁଆ ଲୋକଟାକୁ ମାରିଥିବା ମାଛର ଏକ ତୃତୀୟାଂଶ ଦେଇ ଚାଲିଯାଉଛନ୍ତି। ସେଇଟା କ'ଣ ଲାଞ୍ଚ ବୋଲି ସେ ପଚାରିପାରୁନଥିଲା କାହାକୁ। କାରଣ ବାପା କୁହେ ପୁଅରେ ସେ ଲାଞ୍ଚ ଦେବା ଓ ନେବା ଏକ ଅପରାଧ। ସେପରି ଅପରାଧବୋଧକ କଥାଟା ସେ କେମିତି ପାଟିରେ ଧରନ୍ତା। ଖାଲି କ'ଣ ସେତିକି ! ହିଡ଼ ତଳୁ ପିତା ଶାଗ, ମଦରଙ୍ଗା ଶାଗ ଇତ୍ୟାଦି ଜାତି ଜାତି ଶାଗ ତୋଳି ବିକିବାକୁ ବସିଲା ବେଳେ ତାଙ୍କରି ସାହି ହରିଆ ପଟେ କଳି କଲା ତା ସହ ଯେ ଏଠି ମୁଁ କେବେଠୁ ଶାଗ ତୋଳୁଛି। ତୋର ଏଠି ଅଧିକାର ନାହିଁ। ନିତେଇ କିଛି ବୁଝିପାରୁନଥିଲେ ବି ଏତିକି ବୁଝିଯାଇଥିଲା ଯେ ବାପା କହୁଥିଲେ ଜୋରଜାର ମୂଳକ ତାର। ସେ ଏବେ ରୋଜଗାରର ଭିନ୍ନ ଭିନ୍ନ ପନ୍ଥା ଆପଣେଇବାକୁ ଯାଇ ବଡ଼ ତକଲିଫ ବା ଅସୁବିଧାର ସମ୍ମୁଖୀନ ହେଇ କଷ୍ଟ ପାଉଥିଲା। ବୁଝିପାରୁନଥିଲା ତା' ଚାରିପ୍ରାଣୀ କୁଟୁମ୍ବ ଚଳିବେ କେମିତି !

ପୁଅ କହୁଥିଲା ବହି କି ଖାତା କିଣି ନ ଦେଲେ ସେ ଆଉ ସ୍କୁଲ ଯିବନି। ନିତେଇ ଛାନିଆଁ ହୋଇଯାଉଥିଲା। ତା' ପରି ପୁଅଟା ପାଠ ଦି ଅକ୍ଷର ନପଢ଼ିଲେ କେମିତି ଜାଣିବ କୋଉଠି କ'ଣ କହିବାକୁ ତଥା କରିବାକୁ ହୁଏ ! ପୁଣି ଝିଅ କହୁଛି ତାଙ୍କର ୟୁନିଫର୍ମ ଭାବେ ଶୀତ ଦିନିଆଁ ନାଲି ସୋଏଟର କିଣି ନଦେଲେ ସେ ଆଉ ସ୍କୁଲ ଯିବନି। ଝିଅ ଘିଅ ତାକୁ ବେଶି ଦିନ ଘରେ ରଖିହେବନି ସତ। କିନ୍ତୁ ପିଲାଦିନୁ ପାଠ ଦି ଅକ୍ଷର ନ ପଢ଼ିଥିଲେ ରାମାୟଣ କି ଗୀତା ଭାଗବତ ପଢ଼ିବ କେମିତି ! ସ୍ତ୍ରୀ ମଧ୍ୟ କହୁଛି ଯେତେ ସୁନା ରୁପା ମୋ ବୋଉ ମତେ ଦେଇଥିଲା ସେସବୁ ନେଇ ଦୁଇ ଭଉଣୀ ବାହା କଲ। ଏବେ ଅନ୍ତତଃ ନାକକୁ ଫୁଲଟିଏ କରିଦିଅ ନଚେତ ମୋ ହାତରୁ ତୁମ ପିତୃପୁରୁଷ ପାଣି ପାଇବେ କେମିତି ! ଦେହରେ ଚିଁନେ ସୁନା ନଥିଲେ ପିତୃପୁରୁଷ କାଳେ ପାଣିପାଇବେନି। ଏ କଥା ସତ କି ମିଛ ବୁଝିବାକୁ ସେ ଗାଁ ଅବଧାନଙ୍କୁ ଅଟକେଇ ପଚାରିବାରୁ ସେ କହିଲେ ଆରେ ନାଶ ଟିକେ ନାହିଁ ଦେଲୁ ଆଗ କୋଡ଼ିଏ ଟା ଟଙ୍କା। ଗୁରୁଜନ ପୁଣି ବୟସ୍କ ଲୋକଙ୍କୁ ଦେଲେ ସେଇଟା ଲାଞ୍ଚ କୁହାଯାଏନି। ବୁଝିଥିବା ନିତେଇ ଅଣ୍ଟିରୁ କୋଡିଏ ଟଙ୍କା କାଢ଼ି ଅବଧାନଙ୍କ ହାତକୁ ବଢ଼େଇ ଦେବା ପରେ ସେ କହିଲେ- ହୁଣ୍ଡାଟା। ଟଙ୍କା କ'ଣ ଏମିତି ରଖାଯାଏ ! ମୁଁ ବୋଲି ନେଉଛି। ଆଉ କେହି ହୋଇଥିଲେ ଭାଙ୍ଗ ବସି ଅଳ୍ପକେ ଚିରିବାକୁ ବସିଥିବା ଏ ଟଙ୍କାକୁ କିଏ ନିଅନ୍ତା ତୋ ହାତରୁ। ସେଦିନ କାହିଁକି କେଜାଣି ସବୁଠୁ ବିଶ୍ୱସ୍ତ ଲାଗୁଥିବା ଅବଧାନଙ୍କ କଥା ନିତେଇକୁ କେମିତି କେମିତି ଲାଗୁଥିଲା ବେଳେ ପୁଅ କହୁଥିଲା- ବାପା ମୋ ବହି ଆଣିଲ ? ଝିଅ କହୁଥିଲା- ମୋ ପାଇଁ ନାଲି ସୋଏଟର କେବେ ଆଣିବ ବାପା ! ସେତିକି ବେଳେ ସ୍ତ୍ରୀ କହୁଥିଲା ମୋର ନାକ ଫୁଲ ଆଣିବା ଦରକାର ନାହିଁ। ପିଲାଙ୍କ ଆବଶ୍ୟକତା ପୂରଣ କରିବାକୁ ଏଇ ନିଅ ଟଙ୍କା। ଏକାକାଳୀନ ଦୁଇ ହଜାର ଟଙ୍କା ଦେଖି ନିତେଇର ଅପାଠୁଆ ମନ ବିବେକ ବୁଦ୍ଧି ଓ ଜ୍ଞାନ ଉଦୟ ହୋଇ ନିତେଇ ଭାବୁଥିଲା ଏଇ ସ୍ତ୍ରୀ ହାତ ଧରି ଚାଲିବାକୁ ବେଦୀରେ ବସିବା ଦିନୁ କଥା ଦେଇ ତା' କଥା ରଖିଆସିଛି ସେ ଆଜିଯାଏଁ ବିନା ଭେଜାଲରେ। ଆମ ନିଜ ବାଡ଼ିରେ ତୁମ ପରିବା ଚାଷ ସାଙ୍ଗକୁ ମାଟି ମାଆ ସାହାଯ୍ୟରେ କଣ୍ଢେଇ ଗଢ଼ି ଅଳ୍ପ ରଙ୍ଗ ଦେଇ ବିକ୍ରି କରି ହାତଧରି ସାଥି ଜାନକୀ ସ୍ୱାମୀ ନିତେଇ ପଛେ ପଛେ ତାଙ୍କ ନିଜ ଘର ପଛପଟକୁ ଦୁହେଁ ଚାଲୁଥିଲେ ସଂସାର ନାଆ ଆଗକୁ ବାହି ନେବାକୁ।ଅପାଠୁଆ ନିତେଇ ବୁଝିଯାଇଥିଲା ସ୍ତ୍ରୀଟା ତାର ନଈ ପରି ସଂସାର ରାସ୍ତାରେ ଆହୁଲାଟିଏ।

***ସାକ୍ଷୀଗୋପାଳ, ପୁରୀ,***
***ଶୂନ୍ୟଭାଷ: ୯୦୪୦୯୭୭୩୨୭***




## ଦୁଇଟି ଆଖି

ମହାଭାରତ ଯୁଦ୍ଧ ସରିଥାଏ। ଦିନେ ଏକାନ୍ତରେ ବସି ଗାନ୍ଧାରୀ ଧୃତରାଷ୍ଟ୍ରଙ୍କୁ କହିଲେ, "ଦୁର୍ଯ୍ୟୋଧନଙ୍କ ସମ୍ବନ୍ଧରେ ଯେଉଁ ଭବିଷ୍ୟ ବାଣୀ ହୋଇଥିଲା, ତାହା ସତ୍ୟରେ ହିଁ ପରିଣତ ହେଲା। କୁଳ ନାଶ ହୋଇଗଲା ତାହାରି ପାଇଁ।"

"ହଁ, ଗାନ୍ଧାରୀ। ଶତ ପୁତ୍ରର ପିତାମାତା ହୋଇ ବି ଆଜି ଆମେ ପୁତ୍ର ବିହୀନ । ଆମ କପାଳରେ ବିଧାତା ଏହା ହିଁ ଲେଖିଥିଲେ ।"

"ନା ମହାରାଜ । ବିଧାତାଙ୍କୁ ଦୋଷ ଦେଇ କିଛି ଲାଭ ନାହିଁ। ଆମ କପାଳରେ ବିଧାତା ନୁହେଁ , ବରଂ ଆମେ ସ୍ୱୟଂ ସେତକ ଲେଖିଥିଲୁ।"

"ଆମେ ଲେଖିଥିଲୁ ! ଏ ତୁମେ କ'ଣ କହୁଛ ଗାନ୍ଧାରୀ ?"

"ନୁହେଁ ତ ଆଉ କ'ଣ ? ପିଲାବେଳେ ଦୁର୍ଯ୍ୟୋଧନ ବାରମ୍ବାର ଭୁଲ କାମ କରୁଥିଲେ ହିଁ ତୁମେ ତାକୁ ସେତେବେଳେ ଜମା ଆକଟ କଲ ନାହିଁ। ବରଂ ତାକୁ ପ୍ରୋତ୍ସାହିତ କରି ଚାଲିଲ। ମୁଁ ତୁମକୁ ସେତେବେଳେ ଏମିତି ନ କରିବା ପାଇଁ କେତେ କହିଛି, ହେଲେ ତୁମେ କୋଉ ଶୁଣିଲ ମୋ କଥା ? ରାଜପଦ ପାଇଁ ବ୍ୟାକୁଳ ହୋଇ ତୁମେ ତାକୁ ଯେଉଁ କୂଟନୀତିରେ ପାରଙ୍ଗମ କରାଇ ଚାଲିଲ, ତାହା ହିଁ କୁଳନାଶର ମୁଖ୍ୟ କାରଣ।"

"ତା' ମାନେ ତୁମେ କହିବାକୁ ଚାହୁଁଛ, ଶତପୁତ୍ରର ହତ୍ୟାକାରୀ ହିଁ ମୁଁ ?"

"ଏ କଥା ମୁଁ କେମିତି କହିପାରିବି ମହାରାଜ ?"

"ଯଦି ଏଥିପାଇଁ ତୁମେ ମୋତେ ଦୋଷୀ ସାବ୍ୟସ୍ତ କରୁଛ, ତେବେ ମୁଁ ବି କହିବି ତୁମେ ମଧ୍ୟ ଏଥିପାଇଁ ସମ ପରିମାଣରେ ଦାୟୀ।"

"ମୋତେ ଏଥିପାଇଁ କାହିଁକି ଦୋଷୀ ମନେ କରୁଛ ? ଏମିତି ଅଯଥା ଆରୋପ କରିବା ତୁମର ଉଚିତ ହେଉ ନାହିଁ।"

"କେମିତି ନ କରିବି ? ସନ୍ତାନ ଲାଳନପାଳନର ଦାୟିତ୍ୱ ତ ସମ ପରିମାଣରେ ପିତାମାତାଙ୍କ ଉପରେ ରହିଥାଏ।"

"ହଁ, ଏକଥା ଅବଶ୍ୟ ସତ୍ୟ। କିନ୍ତୁ ମୁଁ କ'ଣ ଦୁର୍ଯ୍ୟୋଧନକୁ...."

"ଗାନ୍ଧାରୀ, ମୁଁ ସିନା ଜନ୍ମାନ୍ଧ, ହେଲେ ତୁମର ତ ଦୃଷ୍ଟିଶକ୍ତି ରହିଥିଲା। ତୁମେ କ'ଣ ପାଇଁ ଆଖିରେ ଅନ୍ଧପୁଟୁଳି ବାନ୍ଧି ରଖିଲ ? ତୁମର ଏଇ ଭୁଲ ପାଇଁ ଆଜି ଆମେ ପୁତ୍ରହରା ହେଲୁ।"

"ମୁଁ ତ କେବଳ ମୋ ପତ୍ନୀଧର୍ମ ପାଳନ କରୁଥିଲି, ମହାରାଜ।"

'ପତ୍ନୀଧର୍ମ ତୁମେ କାହାକୁ କହୁଛ ଗାନ୍ଧାରୀ ? ସ୍ୱାମୀଙ୍କ ଦାୟିତ୍ୱର ସମଭାଗୀ ହେବା ନା ସ୍ୱାମୀଙ୍କ ଅନ୍ଧତ୍ୱକୁ ସମର୍ଥନ କରି ନିଜେ ଅନ୍ଧ ଭଳି ଚଳିବା ? ଏମିତି ଅନୁଗାମୀ ହେବାରେ କି ଯର୍ଥାଥତା ରହିଛି ?"

"ଏହା ବି ସତ୍ୟ ମହାରାଜ। ପିଲାମାନଙ୍କୁ ସତ୍‌ପଥରେ ଚାଲିବା ପାଇଁ ଉପଯୁକ୍ତ ଶିକ୍ଷା ଆଉ ସଂସ୍କାର ପ୍ରଦାନ କରିବା ଉଭୟ ପିତାମାତାଙ୍କ ଭୂମିକା ସମପରିମାଣରେ ରହିଥାଏ। ସେମାନଙ୍କ ପାଇଁ ଆମେ ଥିଲୁ ଦୁଇଟି ଆଖି। ସେତକ ଅଭାବରୁ ଆମ ସନ୍ତାନମାନେ ନେତ୍ରହୀନ ହୋଇଗଲେ।"

"ଦୋଷୀ ଆମେ ଦୁହେଁ ଗାନ୍ଧାରୀ। ଯଦି ପିତା ରାଜଗାଦିର ମୋହରେ ଆଉ ମାତା ନିଜ ପତ୍ନୀଧର୍ମ ପାଳନ କରିବା ସକାଶେ ନିଜ ଆଖିରେ ଅନ୍ଧପୁଟୁଳି ବାନ୍ଧି ନିଏ, ତେବେ ସନ୍ତାନ କୁମାର୍ଗରେ ଯିବା କିଛି ବିଚିତ୍ର ନୁହେଁ। ଅତୀତର କୋଳରୁ ବର୍ତ୍ତମାନ ଜନ୍ମ ଗ୍ରହଣ କରେ। ଆଉ ଅତୀତ ଏବଂ ବର୍ତ୍ତମାନ ମିଶି ହିଁ ଭବିଷ୍ୟତକୁ ଜନ୍ମ ଦେଇଥାନ୍ତି। ଏ ଶାଶ୍ୱତ ସତ୍ୟକୁ ଆମେ ପୂରାପୂରି ଭୁଲିଗଲୁ।"

ଏତକ କହି ସେ ଗାନ୍ଧାରୀଙ୍କ ଆଖିରୁ ଲୁହ ପୋଛିବା ପାଇଁ ନିଜ ହାତ ବଢ଼ାଇଲେ।

*ବାଲେଶ୍ୱର- ୧*

ଜାତୀୟ ଚେତନା
JATIYA CHETANA



# ହକି ଖେଳାଳି ହାର୍ଦ୍ଦିକ ସିଂହଙ୍କୁ ମିଳିବ ଖେଳରତ୍ନ

## ଚେସ୍ ଷ୍ଟାର୍ ଦିବ୍ୟାଙ୍କ ସମେତ ୨୪ ଜଣଙ୍କୁ ମିଳିବ ଅର୍ଜୁନ ପୁରସ୍କାର

ନୂଆଦିଲ୍ଲୀ,(ସ୍ୱ.ପ୍ର): ଭାରତୀୟ ହକି ଟିମ୍‌ର ଭାଇସ୍ କ୍ୟାପ୍‌ଟେନ୍ ହାର୍ଦ୍ଦିକ ସିଂହଙ୍କୁ ୨୦୨୫ ବର୍ଷର ମେଜର ଧ୍ୟାନଚାନ୍ଦ ଖେଳ ରତ୍ନ ପୁରସ୍କାର ମିଳିବ। ହାର୍ଦ୍ଦିକ ଏକମାତ୍ର ଖେଳାଳି, ଯାହାଙ୍କ ନାମ ଚୟନ କମିଟି ସୁପାରିସ କରିଛି। ୨୭ ବର୍ଷୀୟ ହାର୍ଦ୍ଦିକ ସିଂହ ୨୦୨୧ ଟୋକିଓ ଏବଂ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍‌ରେ ପଦକ ଜିତିଥିବା ଭାରତୀୟ ଟିମ୍‌ର ସଦସ୍ୟ ଥିଲେ। ସେହିପରି ଚଳିତ ବର୍ଷ ଏସିଆ କପ୍‌ରେ ଟିମ୍‌ର ସ୍ୱର୍ଣ୍ଣ ପଦକ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ଚୟନ କମିଟିର ବୈଠକରେ ଅର୍ଜୁନ ପୁରସ୍କାର ପାଇଁ ନାମ ମଧ୍ୟ ସୁପାରିସ କରାଯାଇଛି। ଏଥିରେ ଭାରତୀୟ ଅଲିମ୍ପିକ୍ କମିଟି (ଆଇଓଏ)ର ଉପସଭାପତି ଗଗନ ନାରଙ୍ଗ, ପୂର୍ବତନ ବ୍ୟାଡ୍‌ମିଣ୍ଟନ୍ ଖେଳାଳି ଅପର୍ଣ୍ଣା ପୋପଟ୍ ଏବଂ ପୂର୍ବତନ ହକି ଖେଳାଳି ଏମ୍ଏମ୍






ସୋମୈୟା ସାମିଲ ଥିଲେ। କମିଟି ଚେସ୍ ଖେଳାଳି ଦିବ୍ୟା ଦେଶମୁଖ ଏବଂ ଡେକାଥଲନ୍ ଆଥ୍‌ଲେଟ୍ ତେଜସ୍ୱିନ୍ ଶଙ୍କରଙ୍କ ସମେତ ୨୪ ଖେଳାଳିଙ୍କୁ ଅର୍ଜୁନ ପୁରସ୍କାର ପାଇଁ ମନୋନୀତ କରିଛି। ଚଳିତ ଥର ଖେଳ ପୁରସ୍କାର ସୂଚୀରେ କୌଣସି କ୍ରିକେଟର୍‌ଙ୍କ ନାମ ନାହିଁ। ପ୍ରଥମ ଥର ପାଇଁ ଯୋଗାସନ ଖେଳ ସହିତ ସମ୍ପୃକ୍ତ ଖେଳାଳି ଆରତୀ ପାଲ୍‌ଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ କରାଯାଇଛି। ଖେଳ ମନ୍ତ୍ରଣାଳୟ ପକ୍ଷରୁ ମାନ୍ୟତା ପାଇବାର ୫ ବର୍ଷ ପରେ କୌଣସି ଯୋଗାସନ୍ ଖେଳାଳିଙ୍କ ଚୟନ ହୋଇଛି। ଆରତୀ ଏବେ ଜାତୀୟ ଏବଂ ଏସୀୟ ଚାମ୍ପିଅନ୍ ଅଛନ୍ତି। ଯୋଗାସନକୁ ୨୦୨୬ ଏସୀୟ କ୍ରୀଡ଼ାରେ ପ୍ରଦର୍ଶନ ଖେଳ ରୂପେ ସାମିଲ କରାଯିବ। ବିଶ୍ୱକପ୍ ଜିତିଥିବା ପ୍ରଥମ ଭାରତୀୟ ମହିଳା ଖେଳାଳି ୨୦ ବର୍ଷୀୟା ଦିବ୍ୟା ଦେଶମୁଖଙ୍କୁ ଅର୍ଜୁନ ପୁରସ୍କାର ମିଳିବ। ଏହି ପୁରସ୍କାର ଜିତିବାରେ ସେ ପ୍ରଥମ ମହିଳା ଚେସ୍ ଖେଳାଳି। ଚେସ୍ ଖେଳାଳି ବିଦିତ୍ ଗୁଜରାଟୀଙ୍କୁ ମଧ୍ୟ ଅର୍ଜନ ପୁରସ୍କାର ପାଇଁ ଚୟନ କରାଯାଇଛି। ସେହିପରି ତେଜସ୍ୱିନ୍ ଶଙ୍କର ୨୦୨୩ ଏସୀୟ କ୍ରୀଡ଼ାରେ ରୌପ୍ୟ ପଦକ ଜିତିଥିଲେ। ଚଳିତ ବର୍ଷ ଏସୀୟ ଚାମ୍ପିଅନ୍‌ଶିପ୍‌ରେ ମଧ୍ୟ ସେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଦୁଇ ଥରର ବିଶ୍ୱ ଚାମ୍ପିଅନ୍‌ଶିପ୍ ବ୍ରୋଞ୍ଜ୍ ପଦକ ବିଜେତା ରାଇଫଲ୍ ଶୁଟର୍ ମେହୁଲୀ ଘୋଷ, ଜିମ୍ନାଷ୍ଟ୍ ପ୍ରଣତି ନାୟକ ଏବଂ ଏକ ନମ୍ବର ମହିଳା ବ୍ୟାଡ୍‌ମିଣ୍ଟନ୍ ଯୋଡ଼ି ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦ ମଧ୍ୟ ଅର୍ଜୁନ ପୁରସ୍କାର ସୂଚୀରେ ସାମିଲ ଅଛନ୍ତି।

## ଇଂଲଣ୍ଡ ଅଣ୍ଡର-୧୯ ବିଶ୍ୱକପ୍ ଟିମ୍ ଘୋଷିତ

ଲଣ୍ଡନ,(ସ୍ୱ.ପ୍ର): ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ଆସନ୍ତାବର୍ଷ ଜାନୁଆରୀରୁ ହେବାକୁ ଥିବା ଆଇସିସି ଅଣ୍ଡର-୧୯ ପୁରୁଷ କ୍ରିକେଟ୍ ବିଶ୍ୱକପ୍ ପାଇଁ ୧୫ ଜଣିଆ ଟିମ୍ ଘୋଷଣା କରିଛି। ଏହି ପ୍ରତିଷ୍ଠିତ ଟୁର୍ଣ୍ଣାମେଣ୍ଟ୍ ଜିମ୍ବାୱେ ଓ ନାମ୍ବିୟାର ମିଳିତ ଆୟୋଜନରେ ଜାନୁଆରୀ ୧୫ରୁ ଖେଳାଯିବ। ସମରସେଟ୍‌ର ୱିକେଟ୍‌କିପର୍ ବ୍ୟାଟର୍ ଥୋମାସ୍ ରେଭ୍‌ଙ୍କୁ ଟିମ୍‌ର କ୍ୟାପ୍‌ଟେନ୍ ନିଯୁକ୍ତ କରାଯାଇଛି। ରେଭ୍ ନିକଟରେ ଇଂଲଣ୍ଡ ଲାୟନ୍ସର ଅଷ୍ଟ୍ରେଲିଆ ଗସ୍ତରେ ଟିମ୍‌ର ସଦସ୍ୟ ଥିଲେ। ନଟିଂହାମ୍‌ଶାୟର୍‌ର ଅଲରାଉଣ୍ଡର୍ ଫରହାନ୍ ଅହମଦଙ୍କୁ ଭାଇସ୍ କ୍ୟାପ୍‌ଟେନ୍ କରାଯାଇଛି। ସେହିପରି ଲିସେଷ୍ଟର୍‌ଶାୟର୍‌ର ବାମହାତୀ ସ୍ପିନର୍ ଅଲୀ ଫାରୁକ୍‌ଙ୍କୁ ପ୍ରଥମ ଥର ଇଂଲଣ୍ଡ ଅଣ୍ଡର-୧୯ ଟିମ୍‌ରେ ସ୍ଥାନ ମିଳିଛି। ଟୁର୍ଣ୍ଣାମେଣ୍ଟରେ ଇଂଲଣ୍ଡ ଟିମ୍ ଗ୍ରୁପ୍-ସି'ରେ ରହିଥିବା ବେଳେ ଜାନୁଆରୀ ୧୬ରେ ପାକିସ୍ତାନ ବିପକ୍ଷରେ ଅଭିଯାନ ଆରମ୍ଭ କରିବ। ଏହାପରେ ୧୮ରେ ଜିମ୍ବାୱେ ଏବଂ ୨୧ରେ ସ୍କଟ୍‌ଲାଣ୍ଡକୁ ଭେଟିବ। ଇଂଲଣ୍ଡ ଅଣ୍ଡର-୧୯ ଟିମ୍: ଥୋମାସ୍ ରେଭ୍ (କ୍ୟାପ୍‌ଟେନ୍), ଫରହାନ୍ ଅହମଦ (ଭାଇସ୍ କ୍ୟାପ୍‌ଟେନ୍), ରାଲ୍‌ଫି ଆଲ୍‌ବର୍ଟ, ବେନ୍ ଡକିନ୍ସ, କାଲେବ୍ ଫାଲ୍‌କନର୍, ଅଲୀ ଫାରୁକ୍, ଆଲେକ୍ସ ଫ୍ରେଞ୍ଚ, ଆଲେକ୍ସ ଗ୍ରୀନ୍, ଲ୍ୟୁକ୍ ହ୍ୟାଣ୍ଡ୍ସ, ମାନି ଲମ୍ସଡେନ୍, ବେନ୍ ମେୟର୍ସ, ଜେମ୍ସ ମିଣ୍ଟୋ, ଆଇଜାକ୍ ମହମ୍ମଦ, ଜୋ ମୁରସ୍, ସେବେଷ୍ଟିଆନ୍ ମୋର୍ଗାନ୍।

# ମନୋରଞ୍ଜନ ଭରା ରହିବ '୨୦୨୬'

୨୦୨୫ରେ ଅନେକ ଓଡ଼ିଆ ଫିଲ୍ମ ରିଲିଜ ହୋଇଛି। ଯାହା ଲୋକଙ୍କ ମନ ଜିତିବା ସହ ବକ୍ସ ଅଫିସରେ ବି ଦମଦାର ପ୍ରଦର୍ଶନ କରିଛି। ସେ 'ବୋଉ ବୁଟୁ ଭୂତ' ହେଉ ଅବା 'ଅନନ୍ତା' ଅବା 'ଚାରିଧାମ' ବକ୍ସ ଅଫିସରେ କରିଥିଲା ରାଜ୍। କେବଳ ଏତିକି ନୁହେଁ ଏଭଳି ନୂଆ କାହାଣୀ ଦ୍ୱାରା ଲୋକ ଥିଏଟର ମୁହାଁ ହେବା ସହ ଧୀରେ ଧୀରେ ଓଲିଉଡ ଇଣ୍ଡଷ୍ଟ୍ରିର ସ୍ଥିତି ବି ସୁଧୁରିବାରେ ଲାଗିଛି। ତେବେ ବର୍ତ୍ତମାନ ଆସୁଛି ୨୦୨୬ ନୂଆବର୍ଷ। ୨୦୨୫ ପରି ୨୦୨୬ ମଧ୍ୟ ବେଶ ମନୋରଞ୍ଜନ ଭରା ରହିବ ଓଡ଼ିଆ ସିନେ ଇଣ୍ଡିଆ ପାଇଁ ଓ ସିନେ ପ୍ରେମୀଙ୍କ ପାଇଁ। ରିଲିଜ୍ ହେବାକୁ ଯାଉଛି ଅନେକ ହାଇବଜେଟ୍ ଓଲିଉଡ୍ ଫିଲ୍ମ। ବାବୁସାନ ମହାନ୍ତିଙ୍କଠାରୁ ଅନୁଭବ ଓ ସବ୍ୟସାଚୀ ମିଶ୍ରଙ୍କ ଅନେକ ଫିଲ୍ମ ଆସୁଛି। ଯାହାର ବଜେଟ୍ ୫-୧୦ କୋଟି ହେବ। ତେବେ ଏହି ଆର୍ଟିକିଲରେ ଜାଣନ୍ତୁ କେଉଁ ଫିଲ୍ମ ଓ କେତେ ବଜେଟରେ ନିର୍ମିତ ହେବାକୁ ଯାଉଛି।




୨୦୨୬ରେ ନୂଆ ଆଶା ଓ ନୂଆ ସମ୍ଭାବନା ସହ ଅନେକ ଫିଲ୍ମ ଆସିବାକୁ ଯାଉଛି। ଓଡ଼ିଆ ସିନେମାରେ ହଲ୍‌ରୁ ପ୍ରଯୋଜକ ପଇସା ପାଉନଥିବା ଚିନ୍ତା ହେଉଥିବା ବେଳେ ୨୦୨୬ ପାଇଁ କିଛି ପ୍ରଯୋଜକ ଅଣ୍ଟା ଭିଡୁଛନ୍ତି ଏବଂ ଭଲ ବଜେଟ୍ ଫିଲ୍ମ କରୁଛନ୍ତି। ଏଥିମଧ୍ୟରେ ବାବୁସାନ ମହାନ୍ତି, ସବ୍ୟସାଚୀ ଓ ଅନୁଭବ ମହାନ୍ତିଙ୍କ ଫିଲ୍ମ ଅନ୍ତର୍ଭୁକ୍ତ। ୨୦୨୬ରେ ଅନୁଭବ ମହାନ୍ତିଙ୍କ 'ରାବଣ ଓ ଛକି ଶୂନ'ଠାରୁ ଆରମ୍ଭ କରି ଅନୁପମ ପଟ୍ଟନାୟକଙ୍କ 'ମନ୍ତ୍ର ମୁଗ୍ଧ', ସବ୍ୟସାଚୀ ମିଶ୍ରଙ୍କ 'ଲ୍ୟାଣ୍ଡଫଲ୍' ଭଳି ଅନେକ ଫିଲ୍ମ ରିଲିଜ ହେବାର ଅଛି। ବାବୁସାନଙ୍କ ନୂଆ ଫିଲ୍ମ ଟାଇଟଲ ଏବେ ଯାଏଁ ଘୋଷଣା ହୋଇନଥିବା ବେଳେ କିନ୍ତୁ ଫିଲ୍ମର ବଜେଟ ୬ରୁ ୮କୋଟି ଟଙ୍କା ରହିଛି ବୋଲି ଜଣାପଡିଛି। ଏହି ଫିଲ୍ମରୁ ଅଧିକାଂଶ ଅନ୍ୟ ଭାଷା ସହ ପାନ ଇଣ୍ଡିଆରେ ରିଲିଜ ହେବାର ରହିଛି। ତେଣୁ ୨୦୨୬ ଓଡ଼ିଆ ସିନେମା ପାଇଁ ଏକ ନୂଆ ଦିଶା ଦେବ ବୋଲି କହିହେବ ।

'ମନ୍ତ୍ର ମୁଗ୍ଧ': 'କର୍ମ' ଦମଦାର ସଫଳତା ପରେ ଜାତୀୟ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କ ଓଡ଼ିଆ ଫିଲ୍ମ 'ମନ୍ତ୍ର ମୁଗ୍ଧ' ସହ ଫେରୁଛନ୍ତି। ଫିଲ୍ମଟି ୨୦୨୬ ଜାନୁଆରୀରେ ରିଲିଜ ହେବ। ଏହାର ବଜେଟ ୨.୫ରୁ ୩ କୋଟି ବୋଲି ଜଣାପଡ଼ିଛି। ଫିଲ୍ମକୁ ଅନୁପମ ପଟ୍ଟନାୟକ ନିର୍ଦ୍ଦେଶନା ଦେଇଛନ୍ତି। ପ୍ରଣବ ରଥ ସଂଳାପ ରଚନା କରିଛନ୍ତି। ଅତିରିକ୍ତ ଚିତ୍ରନାଟ୍ୟ ଓ ସଂଳାପ ରଚନାରେ ଦାୟିତ୍ୱ ନିର୍ବାହ କରିଛନ୍ତି ନିଶାନ୍ତ ମାଝିଠିଆ। ଏହି ଫିଲ୍ମରେ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର, ସନୋଜ, ମନ୍ମୟ ଦେ, ସାର୍ଥକ ଭରଦ୍ୱାଜ, ଦ୍ୱିପାନ୍ୱିତ ଦାସ ମହାପାତ୍ର, ଭୂମିକାଙ୍କ ସମେତ ହର ରଥ, ଚୌଧୁରୀ ଜୟପ୍ରକାଶ ଦାସ, ନିଶାନ୍ତ ମାଝିଠିଆ, ସୋମା ହୋତା ଓ ଭକ୍ତି ଦାସ, ପିହୁ ମହାପାତ୍ର ଓ ଡିଜିଟାଲ କ୍ରିଏଟର ମିଷ୍ଟର ରାଉତ ଅଭିନୟ କରିଛନ୍ତି। 'ମନ୍ତ୍ର ମୁଗ୍ଧ' ଚଳଚ୍ଚିତ୍ର ସହିତ ପ୍ରଥମ ଥର ପାଇଁ ଭୂମିକା ଦାଶ ପ୍ରଯୋଜନା ସଂସ୍ଥା ସହ ଯୋଡ଼ି ହୋଇଥିବା ବେଳେ ସୂର୍ଯ୍ୟମୟୀ, ସନୋଜ କୁମାର, ନିଶାନ୍ତ ମାଝିଠିଆ ଓ ମନ୍ମୟ ଦେ ଏହି ଫିଲ୍ମ ଜରିଆରେ ଅନୁପମଙ୍କ ସହ ଦ୍ୱିତୀୟ ଥର କାମ କରୁଛନ୍ତି ।

ଲ୍ୟାଣ୍ଡଫଲ୍: ସବ୍ୟସାଚୀ ମିଶ୍ରଙ୍କ ଏହି ଫିଲ୍ମର ଟାଇଟଲ୍ ମେ ୧୪, ୨୦୨୫ରେ ପ୍ରକାଶ କରାଯାଇଥିଲା। ୧୦ କୋଟି ଟଙ୍କା ବ୍ୟୟରେ ହେବ ବିଶାଳ ସେଟ୍, ଆନିମେସନ ଭିଜୁଆଲ ଇଫେକ୍ଟସର ଉପଯୋଗ। ଏହା ଉଭୟ ଓଡ଼ିଆ ଓ ହିନ୍ଦୀ ଭାଷାରେ ନିର୍ମିତ ହେବ। ଆନିମେଶନ ଦିଗରେ ଓଡ଼ିଆ ସିନେମାକୁ ଏକ ନୂଆ ପରିଚୟ ଦେବ। ଯାହା ୨୦୨୬ରେ ରିଲିଜ ହେବ। ଏହି ଫିଲ୍ମ ପିକ୍ସେଲ ମୁଭିସ ପ୍ରେଜେଣ୍ଟ୍ସ ବ୍ୟାନର୍‌ରେ ନିର୍ମିତ ହେଉଥିବା ବେଳେ ପ୍ରଭାତ କୁମାର ପ୍ରଧାନ ପ୍ରଯୋଜନା କରୁଛନ୍ତି। 'ଦମନ' ପରି ଏକ ସଫଳ ଚଳଚ୍ଚିତ୍ର ନିର୍ମାଣ କରି ଜାତୀୟ ସ୍ତରରେ ପୁରସ୍କୃତ ଓ ପ୍ରଶଂସିତ ହୋଇଥିବା ଯୁବ ନିର୍ଦ୍ଦେଶକ ଯୋଡ଼ି ଦେବୀ ପ୍ରସାଦ ଲେଙ୍କା ଓ ବିଶାଳ ମୌର୍ଯ୍ୟ ଏହି ଚଳଚ୍ଚିତ୍ର ନିର୍ମାଣ ଦାୟିତ୍ୱ ନେଇଛନ୍ତି। ଏହି ଫିଲ୍ମରେ ସବ୍ୟସାଚୀ ମୁଖ୍ୟ ଭୂମିକାରେ ନଜର ଆସିବାକୁ ଥିବା ବେଳେ ତାଙ୍କ ବିପକ୍ଷରେ ନାୟିକା ଭାବେ ନଜର ଆସିବେ ଅଭିନେତ୍ରୀ ଦିବ୍ୟାସ୍ନାତା। ପ୍ରତିବର୍ଷ ବାତ୍ୟାର ବିଭୀଷିକା ଦେଖୁଥିବା ଓଡିଶା 'କେବେ ହାରିନି କି ହାରିବନି' ତାର ଏକ ସୁନ୍ଦର ବାର୍ତ୍ତା ଏଥିରେ ରହିଛି।

ବାଘୁଣୀ: ସେହିପରି ସବ୍ୟସାଚୀ ମିଶ୍ରଙ୍କ ଅନ୍ୟ ଏକ ଫିଲ୍ମ 'ବାଘୁଣୀ-ଡ୍ୟାନ୍ସ ଲାଇକ ଏ ଟାଇଗର' ମଧ୍ୟ ରହିଛି। ଯାହା ୭୮ତମ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ମେ ୧୭ ତାରିଖରେ ମୋଶନ ପୋଷ୍ଟର ସହ ଘୋଷଣା ହୋଇଥିଲା। ଏହା ପ୍ରଥମ ଓଡ଼ିଆ ଫିଚର ଫିଲ୍ମ ଭାବେ ଏଠାରେ ପୋଷ୍ଟର ରିଲିଜ ହୋଇଥିଲା। 'ବାଘୁଣୀ' ଫିଲ୍ମକୁ ଅନ୍ତଃର୍ଜାତୀୟ ସ୍ତରରେ ମାନ୍ୟତା ପାଇଥିବା ଫିଲ୍ମ ନିର୍ମାତା ଜିତେନ୍ଦ୍ର ମିଶ୍ର ନିର୍ମାଣ କରିଛନ୍ତି। ସେ ଏହାକୁ ଲେଖିଛନ୍ତି ଏବଂ ନିର୍ଦ୍ଦେଶନା ଦେଇଛନ୍ତି। ଭାରତୀୟ ଜାତୀୟ ଚଳଚ୍ଚିତ୍ର ବିକାଶ ନିଗମ (ଘଊଡଉ), ଗ୍ଲୋକାଲ୍ ଫିଲ୍ମସ୍ ୟୁକେ ଲିମିଟେଡ୍, ସିନେମା୪ ଗୁଡ୍ ପ୍ରାଇଭେଟ୍ ଲିମିଟେଡ୍ ବ୍ୟାନରରେ ଏହି ଫିଲ୍ମ ନିର୍ମିତ ହୋଇଥିବା ବେଳେ ପାର୍ଥ ପଣ୍ଡା, ପୃଥୁଲ କୁମାର ଓ ଜିତେନ୍ଦ୍ର ମିଶ୍ର ଏହାର ପ୍ରଯୋଜକ ଅଟନ୍ତି। ଓଡ଼ିଆ ଅଭିନେତା ସବ୍ୟସାଚୀ ମିଶ୍ର ଏହି ଫିଲ୍ମରେ ମୁଖ୍ୟ ଭୂମିକାରେ ନଜର ଆସିବେ। ବିଭିନ୍ନ ଦେଶରେ ବିଭିନ୍ନ ଭାଷାରେ ମୁକ୍ତିଲାଭ କରିବ ।




'ଛକି ଶୂନ': 'ଛକି ଶୂନ' ଫିଲ୍ମ ଆମର ଷ୍ଟୁଡିଓ ଓ ଏସଏମ ଏଣ୍ଟରଟେନମେଣ୍ଟ ପ୍ରେଜେଣ୍ଟ୍ସ ୨୯ ଟୁ ନାଇନ ଫିଲ୍ମସର ମିଳିତ ସହଯୋଗରେ ନିର୍ମିତ ହେଉଛି। ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି ନିର୍ଦ୍ଦେଶକ ମାନସ ପଢ଼ିହାରୀ। ସେ ହିଁ ଏହି ଫିଲ୍ମକୁ ଲେଖିଛନ୍ତି। ଏଥିସହ ଫିଲ୍ମକୁ ତାଙ୍କ ସ୍ତ୍ରୀ ଜାଗୃତି ଅନୁଭବ ମହାନ୍ତି, ନବୀନ ଭଣ୍ଡାରୀ ଓ ସ୍ୱୟଂ ଏହାର ପ୍ରଯୋଜକ ଅଟନ୍ତି। ଏଥିରେ ମୁଖ୍ୟ ଅଭିନେତା ଭାବେ ନଜର ଆସିବେ ଅନୁଭବ। ଅନୁଭବ ସମେତ ଏଥିରେ ଅନ୍ୟାନ୍ୟ ଭୂମିକାରେ ସମ୍ବାନା ମହାନ୍ତି, ଅଭିଷେକ ପଣ୍ଡା, ଦିବ୍ୟା ମହାନ୍ତି, ଚୌଧୁରୀ ଜୟପ୍ରକାଶ ଦାସ, ସୁକୁମାର ଟୁଡୁ, ସୁକାନ୍ତ ରଥ, ନିତୁ ସିଂ, ବିଜିନୀ ମିଶ୍ର, ଉଦିତ ଗୁରୁ, ତାପସ ସରଗରିଆ, ଜିତୁ ମଙ୍ଗରାଜ, ବିନ୍ଧୁ, ରାକା, ଦିପୁ, ସୁଜିତ ନଜର ଆସିବେ। ଏହି ଫିଲ୍ମର ରିଲିଜ ତାରିଖ ପ୍ରକାଶ କରାଯାଇନତିବା ବେଳେ ୨୦୨୬ରେ ପରଦାକୁ ଆସିବ।

'ରାବଣ': ସେହିପରି ଅନୁଭବ ମହାନ୍ତିଙ୍କ 'ରାବଣ' ବି ଆସନ୍ତାବର୍ଷ ଆସୁଛି। ଏହି ଫିଲ୍ମ ସେପ୍ଟେମ୍ବର ୧ରେ ଘୋଷଣା ହୋଇଥିଲା। ଏହି ଫିଲ୍ମର ବଜେଟ ପ୍ରାୟ ୪-୫ କୋଟି ହେବ। ଏହି ଫିଲ୍ମକୁ ନିର୍ଦ୍ଦେଶକ ବୀରେନ ଜ୍ୟୋତି ମହାନ୍ତି ନିର୍ଦ୍ଦେଶନା ଦେଉଥିବା ବେଳେ ସହ-ନିର୍ଦ୍ଦେଶନା ଦେଉଛନ୍ତି ଓମ ପ୍ରକାଶ ପାଣିଗ୍ରାହୀ। ଏହାକୁ ପ୍ରଯୋଜନା ମଧ୍ୟ କରିଛନ୍ତି ଜାଗୃତି ଅନୁଭବ ମହାନ୍ତି ଓ ହିମାଦ୍ରି ତନୟା ଦାସ। ଏଥିସହ କାହଣୀ ମଧ୍ୟ ଲେଖିଛନ୍ତି ଅନୁଭବଙ୍କ ପତ୍ନୀ ଜାଗୃତି। ୨୯ ଟୁ ନାଇନ ଫିଲ୍ମ ଏବଂ କ୍ୟାମେରା କ୍ୱିନ୍ ପ୍ରଡକ୍ସନ୍ ବ୍ୟାନରରେ ଏହା ନିର୍ମିତ ହେବାକୁ ଯାଉଛି।

ସେହିପରି ବାବୁସାନଙ୍କ ନୂଆ ଫିଲ୍ମ ଟାଇଟଲ ଏବେ ଯାଏଁ ଘୋଷଣା ହୋଇନଥିବା ବେଳେ କିନ୍ତୁ ଫିଲ୍ମର ବଜେଟ ୬ରୁ ୮କୋଟି ଟଙ୍କା ରହିଛି ବୋଲି ଜଣାପଡ଼ିଛି। ଏଥିସହ ଅଭିନେତା ସ୍ୱରାଜ ବାରିକଙ୍କ ଫିଲ୍ମ ମଧ୍ୟ ରହିଛି। ଯାହା ୨୦୨୬ରେ ହିଁ ଘୋଷଣା ହେବ। ସେହିପରି ଅଭିନେତା ଜ୍ୟୋତି ରଞ୍ଜନ ନାୟକଙ୍କ ଫିଲ୍ମ ବି ରହିଛି। ଓଡ଼ିଶାରେ ହିଁ ଅନେକ ସମ୍ଭାବନା ବା ଅନେକ ଓଡ଼ିଆ କାହାଣୀ ରହିଥିବା ବେଳେ ବୁଣାକାରଙ୍କ ସଂଘର୍ଷର କାହାଣୀକୁ ନେଇ 'ମେହେର ମୁଣ୍ଡା' ସହ ନୟାଗଡ଼ରେ ଘଟିଥିବା ପରି ହତ୍ୟାକାଣ୍ଡକୁ ନେଇ 'ପରୀ' ଚଳଚିତ୍ର ଆସିବାକୁ ଯାଉଛି । ଯାହାର ଆନୁଷ୍ଠାନିକ ଘୋଷଣା ୨୦୨୬ରେ ହିଁ ହେବ।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ